READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

RNI Regd. No. ODIODI/2017/71524

ଅନୁସନ୍ଧାନ ପରେ ଖବର





ବର୍ଷ-୬ ସଂଖ୍ୟା-୩ ୩୧ ଜାନୁଆରୀ - ୬ ଫେବୃଆରୀ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-3 31st JANUARY- 6th FEBRUARY, 2022 BHUBANESWAR ₹ 5/- (8 Pages)


### ଆସୋସିଏନସ୍ ଫର ଡେମୋକ୍ରାଟିକ ରିଫର୍ମ'ର ବାର୍ଷିକ ରିପୋର୍ଟ

## ଦେଶର ସବୁଠାରୁ ଧନୀ ଦଳ ବିଜେପି

**ନୂଆଦିଲ୍ଲୀ :** ମୋଦି ରାଜରେ ବିଜେପି ଦିନକୁ ଦିନ ମାଲାମାଲ ହୋଇ ଚାଲିଛି। ସ୍ଥିତି ଏପରି ହୋଇଛି ଯେ ବିଜେପି ଦେଶର ଅନ୍ୟ ସବୁ ରାଜନୀତିକ ଦଳଗୁଡ଼ିକୁ ପଛରେ ପକାଇ ଧନୀ

### ପଛରେ ପଡିଗଲା କଂଗ୍ରେସ

ତାଲିକାର ୧ନଂ ସ୍ଥାନରେ ପହଞ୍ଚି ଯାଇଛି। ବିଜେପିର ସମ୍ପତ୍ତି ଠାରୁ ଅନ୍ୟ ସବୁ ରାଜନୀତିକ ଦଳଗୁଡ଼ିକ ଯଥେଷ୍ଟ ପଛରେ ରହିଛନ୍ତି। ଦେଶର ସର୍ବପୁରାତନ ଦଳ କଂଗ୍ରେସର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଦଳ ଏବେ ଧନୀ ତାଲିକାର ତୃତୀୟ ସ୍ଥାନକୁ ଖସି ଯାଇଛି। ମାୟାବତୀଙ୍କ



ବିଏସ୍ପି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ବିଜେପିର ମୋଟ ସମ୍ପତ୍ତିର ମୂଲ୍ୟ ୪,୮୪୭.୭୮ କୋଟି ଟଙ୍କା ରହିଛି। ଏହା ପଛକୁ ବିଏସ୍ପିର ସମ୍ପତ୍ତିର ମୂଲ୍ୟ ୬୯୮.୩୩ କୋଟି ଓ କଂଗ୍ରେସ ୫୮୮.୧୬ କୋଟି ଟଙ୍କାର ସମ୍ପତ୍ତି ସହ ତୃତୀୟ ସ୍ଥାନରେ ରହିଛି। ଦେଶର ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳର ସମ୍ପତ୍ତି ଏବଂ ଆର୍ଥିକ ବୋଝକୁ ବିଶ୍ଳେଷଣ କରି ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମସ ବା ଏଡିଆର ପକ୍ଷରୁ ଏପରି ରିପୋର୍ଟ ଜାରି କରାଯାଇଛି। ଏହି ରିପୋର୍ଟରେ ୨୦୧୯-୨୦ ଆର୍ଥିକ ବର୍ଷର ତଥ୍ୟ ରହିଛି। ରିପୋର୍ଟ ଅନୁଯାୟୀ, ଦେଶର ୭ ରାଜନୀତିକ ଦଳର ମୋଟ ସମ୍ପତ୍ତିର ପରିମାଣ ୬,୯୮୮.୫୭ କୋଟି ଟଙ୍କା। ସେହିପରି ୪୪ଟି ଆଞ୍ଚଳିକ ଦଳର ସମ୍ପତ୍ତିର ମୂଲ୍ୟ ୨,୧୨୯.୩୮ କୋଟି ଟଙ୍କା। ଜାତୀୟ ଦଳଗୁଡ଼ିକର ମୋଟ ସମ୍ପତ୍ତିର ୬୯.୩୭ % ଅର୍ଥାତ ୪୮୪୭.୭୮ କୋଟି ଟଙ୍କା ବିଜେପି ପାଖରେ ରହିଛି। ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ୧ନଂ ସ୍ଥାନରେ ରହିଛି। ଟପ୍ ୧୦ ଧନୀ ଆଞ୍ଚଳିକ ଦଳଗୁଡ଼ିକର ମୋଟ ସମ୍ପତ୍ତି ୨୦୨୮.୭୧୫ କୋଟି। ଅର୍ଥାତ ଏହା ମୋଟ ସମ୍ପତ୍ତିର ୯୫.୨୭%। ୨୦୧୯-୨୦ ଆର୍ଥିକ ବର୍ଷରେ ସମାଜବାଦୀ ପାର୍ଟିର ମୋଟ ସମ୍ପତ୍ତିର ମୂଲ୍ୟ ୫୬୩.୪୭ କୋଟି ରହିଥିବା ବେଳେ ଟିଆରଏସ୍ର ୩୦୧.୪୭ କୋଟି ଓ ଏଆଇଏଡିଏମକେ ପାଖରେ ୨୬୭.୬୧ କୋଟିର ସମ୍ପତ୍ତି ରହିଛି। ଏଫଡିଆର/ଫିକ୍ସଡ ଡିପୋଜିଟ ଆକାରରେ ସପାର ୪୩୪.୨୧୯ କୋଟି ଟଙ୍କା ଥିବାବେଳେ, ଟିଆରଏସ୍ର ୨୫୬.୦୧ କୋଟି,

➤ ପୃ-୬

## ୧୨୯କୋଟିର ମାଲିକ ବିଜେଡି

**ନୂଆଦିଲ୍ଲୀ :** ୨୦୧୯-୨୦ ଆର୍ଥିକ ବର୍ଷରେ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳମାନଙ୍କର ଜମା ଓ ସଂପତ୍ତିର ତାଲିକା 'ଆସୋସିଏନସ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ' (ଏଡିଆର) ପକ୍ଷରୁ ପ୍ରକାଶ କରାଯାଇଛି। ଏହି ତାଲିକାରେ ଆଞ୍ଚଳିକ ଦଳମାନଙ୍କ ଭିତରେ ପ୍ରଥମ ସ୍ଥାନରେ ସମାଜବାଦୀ ପାର୍ଟି ଥିବା ବେଳେ ଅଷ୍ଟମ ସ୍ଥାନରେ ରହିଛି ବିଜୁ ଜନତା ଦଳ। ବିଜେଡି'ର ବ୍ୟାଙ୍କ୍ ଫିକ୍ସଡ୍ ଡିପୋଜିଟ୍ ପରିମାଣ ୧୧୮.୪୨ କୋଟି ଟଙ୍କା ଥିବା ବେଳେ ସମୁଦାୟ ସମ୍ପତ୍ତିର ମୂଲ୍ୟ ୧୨୮,୭୫୨ କୋଟି ଟଙ୍କା ରହିଛି ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି। 'ଏଡିଆର' ରିପୋର୍ଟ ଅନୁସାରେ, ଫିକ୍ସଡ୍ ଡିପୋଜିଟ୍ କ୍ଷେତ୍ରରେ ୧୦ଟି



ଶ୍ରେଷ୍ଠ ଆଞ୍ଚଳିକ ରାଜନୈତିକ ଦଳମାନଙ୍କ ମଧ୍ୟରେ ୮ମ ସ୍ଥାନରେ ରହିଛି ବିଜେଡି। ୪୩୪.୨୧୯ କୋଟି ଟଙ୍କା ଫିକ୍ସଡ୍ ଡିପୋଜିଟ୍ ଥାଇ 'ସମାଜବାଦୀ ପାର୍ଟି' ଏହି ତାଲିକାର ସର୍ବାଗ୍ରେ ରହିଛି। ସେହିଭଳି, ୨୫୬.୦୧ କୋଟି ଫିକ୍ସଡ୍ ଡିପୋଜିଟ୍ ଥାଇ 'ଟିଏଆର' ଦ୍ୱିତୀୟ ଏବଂ

➤ ପୃ-୬

### ସାମ୍ନାକୁ ଆସିଲା କରୋନାର ନୂଆ ରୂପ

## ହୋଇପାରେ ଘାତକ

**ଉହାନ :** ମହାମାରୀ କରୋନା ଭାଇରସକୁ ନେଇ ସାରା ବିଶ୍ୱରେ ଆତଙ୍କ ଦେଖାଯାଉଥିବା ବେଳେ ଏବେ ନୂଆ ବିପଦ ସାମ୍ନାକୁ ଆସିଛି। କରୋନାର ଗଡ଼ ଭାବେ ପରିଚିତ ଚାଇନାର ଉହାନରୁ ଆସିଛି ସମସ୍ତଙ୍କୁ ଡରାଇବା ଭଳି ଖବର। ଏଠାରେ କାର୍ଯ୍ୟରତ ବୈଜ୍ଞାନିକମାନେ କରୋନାର ନୂଆ ରୂପ ନିଓକୋଭ ଭାଇରସକୁ ନେଇ ସତର୍କ ସୂଚନା ଜାରି କରିଛନ୍ତି। ଏହି ନୂତନ କରୋନା ଭାଇରସ ଅତ୍ୟନ୍ତ ସଂକ୍ରାମକ। ଏଥିସହ ନିଓକୋଭରେ ଆକ୍ରାନ୍ତ ହେଉଥିବା ପ୍ରତି ୩ ଜଣଙ୍କୁ ମଧ୍ୟରୁ ଜଣେ ପ୍ରାଣ ହରାଇବାର ଆଶଙ୍କା ମଧ୍ୟ ରହିଛି। ଚାଇନିଜ ବୈଜ୍ଞାନିକମାନେ କହିଛନ୍ତି ଯେ ଦକ୍ଷିଣ ଆଫ୍ରିକାରେ ଥିବା ବାଦୁଡ଼ି ମାନଙ୍କ ଶରୀରରୁ ଏହି ନୂତନ କରୋନା ଭାଇରସ ନିଓକୋଭ ମିଳିଛି। ଏହା ଭବିଷ୍ୟତରେ ମାନବଜାତି ପାଇଁ ଅତ୍ୟନ୍ତ ଘାତକ



ସାବ୍ୟସ୍ତ ହୋଇପାରେ। ଭାଇରସ ଯୋଗୁ ସାଧାରଣ ଥଣ୍ଡାରୁ ସିରିୟସ ରୋଗ ସୃଷ୍ଟି ହୋଇପାରେ। ତଥାପି ଏହି ଭାଇରସର ଉପରେ ଅଧିକ ଗବେଷଣାର ଆବଶ୍ୟକ ରହିଛି। ଏଯାଏ ଏହି ଭାଇରସ ମଣିଷମାନଙ୍କ ପାଖରେ ପହଞ୍ଚି ନାହିଁ ବୋଲି ସେମାନେ କହିଛନ୍ତି। ରୁଷ ନ୍ୟୁଜ୍ ଏଜେନ୍ସିର ରିପୋର୍ଟ ଅନୁଯାୟୀ, ଏହି ନିଓକୋଭ୍ ସାର୍ସ କୋଭ ଭାଇରସର ବଂଶଧର। ୨୦୧୨ ଓ ୨୦୧୫ରେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଏହା ଠାବ ହୋଇଥିଲା।


➤ ପୃ-୬

### ରେଜିଷ୍ଟ୍ରେସନ ଆଇନର ଖୋଲା ଉଲ୍ଲଘଂନ

## ସବ୍ପ୍ଲଟ ବିକ୍ରି ବନ୍ଦ କରିଛନ୍ତି ଡିଏସ୍ଆର !

**ଭୁବନେଶ୍ୱର :** ଦେଶରେ ପ୍ରଚଳିତ ଥିବା ରେଜିଷ୍ଟ୍ରସନ ଆକ୍ଟ ବଳବତ୍ତର ଥିଲା ବେଳେ ଭୁବନେଶ୍ୱରରେ ରେରା ନିୟମ ଅନୁସାରେ ଡିଏସ୍ଆର ସବ୍ପ୍ଲଟ ବିକ୍ରି ଉପରେ ରୋକ୍ ଲଗାଇଛନ୍ତି। ଯାହାଫଳରେ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଡିଏସ୍ଆର ପବିତ୍ର ସାମଲଙ୍କୁ 'ଏକମାତ୍ର' ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ଡିଏସ୍ଆର କହିଲେ ଜିଲ୍ଲାପାଳ ସବ୍ପ୍ଲଟ ବିକ୍ରିକୁ ନେଇ ଲାଗିଥିବା ରୋକ ଉପରେ ବୈଠକ ଡାକିଥିଲେ। ଏଥିରେ ରେରା କରିଥିବା ନିୟମ ଉପରେ ପ୍ରସ୍ତୁତ ଏକ ପୁସ୍ତକ ଦେଖାଇ ସେଥିରେ ଥିବା ନିୟମ ଜଣାଇଥିଲେ। ତେଣୁ ସେହି ନିୟମ ଅନୁସାରେ ଭୁବନେଶ୍ୱରରେ ସବ୍ପ୍ଲଟ ବିକ୍ରି ବନ୍ଦ ରହିଛି। ନିୟମ ପରିସରଭୁକ୍ତ ଯେଉଁମାନେ ସେମାନଙ୍କର ଜମି ବିକ୍ରି ଉପରେ ରୋକ ଲାଗିନାହିଁ। ତେବେମ ଏହି ନୂଆ ନିୟମକୁ ବିରୋଧ କରି ଭୁବନେଶ୍ୱର ବାରର ଶତାଧିକ ଆଇନଜୀବୀ ରାଜସ୍ୱ ସଚିବଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଥିରେ ସବ୍ପ୍ଲଟ ବିକ୍ରି ଉପରେ ଲଗାଯାଇଥିବା କଟକଣା ଭ୍ରମାତ୍ମକ ତଥା ସନ୍ଦେହଜନକ ବୋଲି କୁହାଯାଇଛି। ଏଥିସହିତ ୨୯.୧.୨୦୧୯ ମସିହାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ଏକ ମାମଲାର ବିଚାର କରି ଯେଉଁ ଆଦେଶ ପ୍ରଦାନ କରିଥିଲେ ତାହାର କପି ରାଜସ୍ୱ ସଚିବଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ରେରାର ନୂଆ ନିୟମକୁ ସାଧାରଣ ଲୋକ ବୁଝିପାରୁନାହାନ୍ତି। ତେଣୁ ଯେବେଠାରୁ ଭୁବନେଶ୍ୱର ସବ୍ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜମି କିଣାବିକା ପାଇଁ ନୂତନ ରିଅଲ ଇଷ୍ଟେଟ୍ ରେଗୁଲେଟୋରୀ ଅର୍ଥରିଟି (ରେରା) ନିୟମ ଲାଗୁ କରାଯାଇଛି ସେବେଠାରୁ ଜମି ବିକ୍ରି କମିଛି ଓ ସରକାରଙ୍କ ପ୍ରଚୁର ରାଜସ୍ୱହାନୀ ଘଟୁଥିବା ଜଣାପଡିଛି।

## କଟକଣା ମଧ୍ୟରେ ଚନ୍ଦ୍ରଭାଗା ମାଘମେଳା



**କୋଣାର୍କ :** ଚଳିତ ବର୍ଷ ମଧ୍ୟ କୋଭିଡି କଟକଣା ମଧ୍ୟରେ ଆସନ୍ତା ଫେବୃୟାରୀ ମାସ ୦୬ ଓ ୦୭ ତାରିଖରେ ଅନୁଷ୍ଠିତ ହେବ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘମେଳା । ଏଥି ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନିୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ନିବାପଡା ଏସଡିପିଓ ଦେବାଶିଷ ମିଶ୍ର, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋୟଙ୍କା, ଗୋପ, ନିମାପଡା, କାକଟପୁର ତହସିଲଦାର ଓ ବିଡିଓଙ୍କ ସମେତ ମେଳାର ବ୍ୟବସ୍ଥା ସହିତ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧୀକାରୀମାନେ ଉପସ୍ଥିତ ରହି ମାଘମେଳା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଚନ୍ଦ୍ରଭାଗାର ପବିତ୍ର ତୀର୍ଥ ପୁଷ୍କରଣୀରେ ତିନି ଠାକୁର ମାଧିପୁରର ବାବା ତ୍ରିବେଣୀଶ୍ୱର, ସନ୍ଥପୁରର ଐଶାଣେଶ୍ୱର ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ମହାଦେବଙ୍କ ରୀତିନୀତି, ପୂଜା ଓ ଶୋଭାଜାତ୍ରା ନିରାଡମ୍ବର ଭାବେ ସମ୍ପାଦନ କରିବା ପାଇଁ ଗୋପ-କୋଣର୍କ, ନିମାପଡା, କାକଟପୁର ଓ ଅସ୍ତଙ୍ଗ ତହସିଲଦାର ଏବଂ ବିଡିଓଙ୍କୁ ଦାୟୀତ୍ୱ ଦିଆଯାଇଛି ।

➤ ପୃ-୬

### ବକ୍ରବାଣୀ



ଚାଲ୍ ଧନୁ ଇଜ୍ଜତ କା ସୱାଲ୍
ଦେଖେଇ ଦେ ଆଜି ତୋ କମାଲ୍
ଗୋଡ଼ ହାତ ଛାଟି ଚାଲିବୁ ଯେବେ
ରାତିରେ ପାଇବୁ ତୋରାଣୀ ତେବେ
ସଭିଁଏ ଦେଖିବେ ତୋ କରାମତି
ତୁନି ପଡ଼ିଯିବେ ଦେଖି ତୋ ଗତି
ରୋଗୀଣା ହେଲୁଣି କୁହନ୍ତି ସବୁ
ତାଙ୍କ ମୁହଁ ବନ୍ଦ କରେଇ ଦବୁ
ନୋଇଲେ ରାତିରେ ଘାଣ୍ଟିବି ତୋତେ
ଭୋକରେ ମରିବୁ ଚିହ୍ନିବୁ ମୋତେ।

——— ଟୁଟୁ

### ଜମି ଦେବାକୁ କହି ଆଇନଜୀବୀଙ୍କ ଠାରୁ ଅଢ଼େଇଲକ୍ଷ ଠକେଇ ମାମଲା

## ଟଙ୍କା ଫେରାଇବାକୁ କୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର :** ଜଣେ ଆଇନଜୀବୀଙ୍କ ଠାରୁ ଜମି ଦେବାକୁ କହି ଅଢ଼େଇଲକ୍ଷ ଟଙ୍କା ଠକେଇ ଅଭିଯୋଗର ମାମଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟ କଟକଙ୍କ ନିକଟରେ ପହଞ୍ଚିବା ପରେ ଗତ ୨୮ ତାରିଖରେ ଉକ୍ତ ଆବେଦନର ଶୁଣାଣି କରାଯାଇଥିଲା। ଏଥିରେ କୋର୍ଟ ଅଢ଼େଇଲକ୍ଷ ଟଙ୍କା ଦେଇ ୧୫ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ମାସରେ ହେବ।

ସୂଚନାଥାଉ କି, ଜଟଣୀ ଥାନା ଅଧିନସ୍ଥ ଦେଉଳବସ୍ତ ଗାଁର ନବୀନ ଚରଣ ପରିଡ଼ା ବାରବର୍ଷ ତଳେ ୨୦୧୦ ମସିହାରେ ଦୁଇ ଶହ ଡେସିମିଲ ଜାଗା ବାବଦକୁ ଚାରୋଟି ଚେକ୍ ପାଞ୍ଚ ଲକ୍ଷ ଟଙ୍କାର ଭୁବନେଶ୍ୱର ଝାରପଡ଼ାରେ ରହୁଥିବା ଆଇନଜୀବୀ ଶିବାଶିଷ ମହାପାତ୍ରଙ୍କ ଠାରୁ ନେଇଥିଲେ। ପ୍ରଥମ ଚେକ୍ ଦୁଇଟା ୨୦୧୦ ମସିହାର ଲକ୍ଷେ ଟଙ୍କା ଲେଖାଏଁ ଓ ପର ଚେକ୍ ଦୁଇଟା ୨୦୧୧ ମସିହାର ଲକ୍ଷେ ଓ ଦୁଇ ଲକ୍ଷ ଟଙ୍କାର ମୋଟ ଚାରୋଟି ଚେକ୍ ପାଞ୍ଚ ଲକ୍ଷ ଟଙ୍କାର ପ୍ରଦାନ କରାଯାଇଥିଲା। ଉଭୟଙ୍କ ମଧ୍ୟରେ କଥା ତୁଟିଥିଲା ଯେ, ୨୦୧୦ ମସିହାରେ ଦୁଇ ଲକ୍ଷ ଟଙ୍କାର ଚେକ୍ ଡିପୋଜିଟ୍ କରିବ ଓ ଶହେ ଡେସିମିଲ୍ ଜାଗା ରେଜେଷ୍ଟ୍ରୀ କରିବ। ପରବର୍ଷ ୨୦୧୧ ମସିହାରେ ଆଉ ତିନି ଲକ୍ଷ ଟଙ୍କାର ଚେକ୍ ଡିପୋଜିଟ୍ କରି ଆଉ ଶହେ ଡେସିମିଲ୍ ଜାଗା ରେଜେଷ୍ଟ୍ରୀ କରାଯିବ। ସେହି ଅନୁସାରେ ୨୦୧୦ ମସିହାରେ ଚେକ୍ ମାଧ୍ୟମରେ ଦୁଇ ଲକ୍ଷ ଟଙ୍କା ଶ୍ରୀ ପରିଡା ନେଇଗଲେ, ମାତ୍ର କଥା



ଆଇନଜୀବୀ ଶିବାଶିଷ ମହାପାତ୍ର



ନବୀନ ଚରଣ ପରିଡା

ଅନୁସାରେ ଶହେ ଡେସିମିଲ୍ ଜାଗା ରେଜେଷ୍ଟ୍ରୀ କଲେନାହିଁ। ବାକି ଦୁଇଟା ଚେକ୍ ତିନି ଲକ୍ଷ ଟଙ୍କାର ଡିପୋଜିଟ୍ ନ କରି ଫେରେଇଦବାକୁ ଶ୍ରୀ ମହାପାତ୍ର ତାକୁ କହିବା ସହ ବ୍ୟାଙ୍କରେ ମଧ୍ୟ ଷ୍ଟପ୍ ପେମେଣ୍ଟ୍ କରିଥିଲେ। ଚେକ୍ ଦୁଇଟିରେ ୨୦୧୧ ମସିହାର ତାରିଖ ପଡ଼ିଥିଲା। ପରବର୍ତ୍ତୀ ସମୟରେ ଚେକ୍ ଦୁଇଟି ଡିପୋଜିଟ୍ କରିବାର ସମୟ ଗଡ଼ିଯିବାରୁ ଶ୍ରୀ ମହାପାତ୍ର ଆଉ ସେ ଚେକ୍ ଦୁଇଟିକୁ ଫେରି ପାଇବାକୁ ବେଶୀ ଚେଷ୍ଟା କଲେନାହିଁ। ପୁଣି ୨୦୧୧ ମସିହାରେ ଦୁହିଁଙ୍କ ମଧ୍ୟରେ ସାନି କଥାବାର୍ତ୍ତା ତୁଟିଲା। ଶ୍ରୀ ମହାପାତ୍ର ଦୁଇ ଲକ୍ଷ ଟଙ୍କା ବ୍ୟାଙ୍କ ଚେକ୍ ଶ୍ରୀ ପରିଡାଙ୍କୁ ପ୍ରଦାନ କରିଥିଲେ। କଥା ଛିଣ୍ଡିଥିଲା ଆଉ ପଚାଶ ହଜାର ଟଙ୍କା ନେଇ ମୋଟ ଅଢେଇ ଲକ୍ଷ ଟଙ୍କା ବଦଳରେ ଶହେ ଡେସିମିଲ୍ ଜାଗା ଶ୍ରୀ ପରିଡା ରେଜେଷ୍ଟ୍ରୀ କରିବେ। ପୂର୍ବ କଥା ପାଞ୍ଚ ଲକ୍ଷ ଟଙ୍କାରେ ଦୁଇ ଶହ ଡେସିମିଲ୍ ଜାଗା ଦବା କଥା ବାତଲ ହେଲା। ଶ୍ରୀ ମହାପାତ୍ରଙ୍କ ଠାରୁ ଅଢେଇ ଲକ୍ଷ ଟଙ୍କା ନେଲା ପରେ ଶ୍ରୀ ପରିଡା ପୁଣି ଖେଳିଚାଲିଲେ।

➤ ପୃ-୬






### ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସମୀକ୍ଷା

## ବୁଷ୍ଟର ଡୋଜ୍‌କୁ ଗୁରୁତ୍ୱ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍ଫରେନ୍ସିଂ ଜରିଆରେ କୋଭିଡ-୧୯ ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ସତର୍କ ରହିବା ସହିତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ତା ସହିତ ବରିଷ୍ଠ ନାଗରିକ ଓ ଫ୍ରଣ୍ଟଲାଇନ୍ ଯୋଦ୍ଧା ମାନଙ୍କୁ ବୁଷ୍ଟର ଡୋଜ ଦେବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ବର୍ତ୍ତମାନ ସକ୍ରିୟ କୋଭିଡ ରୋଗୀ ସଂଖ୍ୟା ସ୍ଥିର ରହିଥିବା ବେଳେ ନୂଆ ପଜିଟିଭ କେସ୍ରେ ମଧ୍ୟ ହ୍ରାସ ଘଟିଛି। ତୃତୀୟ ଲହରରେ ଡାକ୍ତରଖାନା ଉପରେ ବିଶେଷ ଚାପ ପଡିନାହିଁ। କିନ୍ତୁ ଏଥିରେ ଆତ୍ମସନ୍ତୋଷର ସ୍ଥାନ ନାହିଁ। ସଂପୂର୍ଣ୍ଣ ପ୍ରସ୍ତୁତ ରହି ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ତା ସହିତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ସକ୍ରିୟ ସହଯୋଗରେ ସାରା ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜନସାଧାରଣ ଯେପରି କୋଭିଡ ସୁରକ୍ଷା ନିୟମାବଳୀ ଠିକ୍ ଭାବରେ ପାଳନ କରନ୍ତି, ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପୋଲିସକୁ ପରାମର୍ଶ ଦେଇଥିଲେ। ସେହିପରି ପୃଥକ ବାସରେ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଂପର୍କରେ ରାପିଡ୍ ରେସପନ୍ସ ଟିମ୍ ଓ କ୍ଷେତ୍ର କର୍ମଚାରୀ ମାନେ ଠିକ୍ ଭାବରେ ତଦାରଖ କରିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଆତଙ୍କିତ ନ




ହୋଇ କୋଭିଡ ସୁରକ୍ଷା ନିୟମାବଳୀକୁ ସଠିକ୍ ଭାବରେ ପାଳନ କରିବା ପାଇଁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା କୋଭିଡ ନିୟମାବଳୀର ପରିପାଳନ ନିମନ୍ତେ ପ୍ରଶାସନ ନେଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ ଶର୍ମା ରାଜ୍ୟରେ କୋଭିଡ ସ୍ଥିତି ସଂପର୍କରେ ଏକ ବିସ୍ତୃତ ଚିତ୍ର ଉପସ୍ଥାପନା କରିଥିଲେ। ରାଜ୍ୟରେ ଦୈନିକ ଟେଷ୍ଟିଂ ୬୫ ହଜାରରୁ ୭୦

➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଚୋରି ହୋଇପାରେ। ଲୋକପ୍ରିୟତା ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ଉତ୍ତମ ରହିବ। ଘରକୁ ଅତିଥି ଆସିପାରନ୍ତି। ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ମନ ହଟାନ୍ତୁ ନାହିଁ।

**ବୃଷ** ସକାରାତ୍ମକ ଶକ୍ତିକୁ ନିଜର ଶାରୀରିକ ଅବକାଶରେ ଲଗାନ୍ତୁ। ଅଟକିଥିବା ଆର୍ଥିକ ମାମଲାର ସମାଧାନ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଅତିଥିଙ୍କୁ ଅଯଥା ନିଜ ଜୀବନଚର୍ଯ୍ୟାରେ ସାମିଲ କରନ୍ତୁ ନାହିଁ। କ୍ଷତି ସହିବେ।

**ମିଥୁନ** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ଓ ପୁରସ୍କୃତ ହୋଇପାରନ୍ତି। ପରିବାରରେ ଶାନ୍ତି ରହିବ। ବ୍ୟବସାୟରେ ବିରୋଧର ସମ୍ମାନ କରିବେ। ଉଚ୍ଚଶିକ୍ଷା ମାର୍କରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେବ। ପାଠ ପାଇଁ ମାର୍ଗ ଚୟନ କରିବେ।

**କର୍କଟ** ମାନସିକ ଅଶାନ୍ତି ରହିବ। ଆବଶ୍ୟକ ଅନୁଯାୟୀ ଧନ ନଥିବାରୁ ଘରେ କଳହ ସୃଷ୍ଟି ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**ସିଂହ** ଡାକ୍ତରଖାନା ଯାଇପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବଡ ନିବେଶରୁ ଦୂରେଇ ରହନ୍ତୁ। ନୂଆ ବନ୍ଧୁ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଛାତ୍ରମାନେ ସଫଳ ହେବେ।

**କନ୍ୟା** ଖର୍ଚ୍ଚରେ ବୃଦ୍ଧି ହେବ କିନ୍ତୁ ଆୟ କମିବ ନାହିଁ। ଘରେ ସମସ୍ତଙ୍କ ମଧ୍ୟରେ ପ୍ରତିଷ୍ଠା ପ୍ରାପ୍ତି ହେବେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ପାଠପଢ଼ାରେ ମନଦେବେ। ପ୍ରେମିକଙ୍କ ସହ ପାଟିତୁଣ୍ଡ ହୋଇପାରେ।

**ତୁଳା** ଆରାମ ପାଇଁ ସମୟ ପାଇବେ। ଛୋଟ ବ୍ୟବସାୟରୁ ଅଧିକ ଲାଭ ହେବ। ବଡମାନଙ୍କ ଠାରୁ ସହଯୋଗ ମିଳିବ। ଛାତ୍ରମାନେ ସଫଳତା ପାଇବେ। ଦମ୍ପତିମାନେ ସୁଖରେ ସମୟ କଟାଇବେ।

**ବିଛା** ଶାରୀରିକ ଓ ମାନସିକ ବ୍ୟସ୍ତତା ରହିବ। ପଇସା ଉଦ୍ଧାର ନେଇପାରନ୍ତି। ଧନପ୍ରାପ୍ତି ହେବ। କାର୍ଯ୍ୟକ୍ଷେତ୍ରରେ ଅନ୍ୟ ଶଙ୍କା ଦୃଷ୍ଟିରେ ଦେଖି ପାରନ୍ତି, ଛାତ୍ରମାନେ ଜଗିରଖି ଆଗାନ୍ତୁ।

**ଧନୁ** ମନ ଚଞ୍ଚଳ ରହିବ। ଅର୍ଥପ୍ରାପ୍ତି ଯୋଗ ଅଛି। ପୁରୁଣା କଥାକୁ ନେଇ ଚିନ୍ତିତ ହେବେ। ଯୋଜନାର ପୁନଃବିଚାର କରନ୍ତୁ। ଯୋଜନାବଦ୍ଧ ଭାବରେ ଛାତ୍ରମାନେ ନିଷ୍ପତ୍ତି ନିଅନ୍ତୁ। ପ୍ରେମୀଙ୍କୁ ବିବାହ ପ୍ରସ୍ତାବ ଦେଇପାରନ୍ତି।

**ମକର** ମନ ଅସ୍ଥିର ରହିବ। ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। ବଡଙ୍କ ସହଯୋଗ ନିଅନ୍ତୁ। ପରିବାର ସହ ସମୟ କଟାଇବେ। ଚାକିରିରେ ପରିବର୍ତ୍ତନ ହୋଇପାରେ। ଛାତ୍ରମାନେ ଆବଶ୍ୟକଠାରୁ ଅଧିକ ଆଶା ରଖିବେ।

**କୁମ୍ଭ** ଆଖିର ସମସ୍ୟା ଦୂର ହେବ। ରାଜସିକ ସୁବିଧା ପାଇବେ। ପରିବାର ସହ ଧାର୍ମିକ ଯାତ୍ରା କରିପାରନ୍ତି। ବାପା ମା' ଖୁସିହେବେ। ନୂଆ ବ୍ୟବସାୟ କରିବେ। ଛାତ୍ରମାନେ ପାଠରେ ରୁଚି ରଖିବେ। ପ୍ରିୟତମଙ୍କୁ ଖରାପ କଥା କୁହନ୍ତୁ ନାହିଁ।

**ମୀନ** ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବେ। ସେଥିପାଇଁ ମନଚଞ୍ଚଳ ଓ ଅସ୍ଥିର ରହିବ। ଦୂର ଯାତ୍ରା କରିପାରନ୍ତି। ମନସ୍ଥିର ରଖନ୍ତୁ। ଆବଶ୍ୟକ ସ୍ଥଳେ ବନ୍ଧୁଙ୍କ ପରାମର୍ଶ ନିଅନ୍ତୁ। ପରିବାର ସହ ସମୟ କଟେଇବେ। ଆତ୍ମବିଶ୍ୱାସ ବଢ଼ିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର


# ଦିଲ୍ଲୀ ରାଜପଥରୁ ଭାରତର ସାମର୍ଥ୍ୟ ଦେଖିଲା ଦୁନିଆ



**ନୂଆଦିଲ୍ଲୀ :** ଦିଲ୍ଲୀ ରାଜପଥରୁ ଦୁନିଆ ଦେଖିଲା ଭାରତର ଶୌର୍ଯ୍ୟ ଓ ସାମର୍ଥ୍ୟ। ଭାରତ ୭୩ ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବା ବେଳେ ରାଜଧାନୀ ଦିଲ୍ଲୀର ରାଜପଥରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆୟୋଜିତ ହୋଇଛି ଭବ୍ୟ ପରେଡ୍। କରୋନା ଗାଇଡଲାଇନ୍ ଭିତରେ ହୋଇଥିବା ପରେଡରେ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇଛି। ଏଥିରେ ଦେଶର ସାଂସ୍କୃତିକ ବିବିଧତାର ଝଲକ ଦେଖିବାକୁ ମିଳିଛି। ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ରାଷ୍ଟ୍ରପତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପରେଡ୍ ବେଳେ ଉପସ୍ଥିତ ଥିଲେ। ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଭାରତର ସାମର୍ଥ୍ୟ ପ୍ରଦର୍ଶିତ ହୋଇଥିଲା। ଚଳିତ ବର୍ଷ ସ୍ୱାଧୀନତାର ୭୫ ବର୍ଷ ପାଳନ କରାଯାଉଥିବାରୁ ସାରା ଦେଶରେ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରାଯାଉଛି। କରୋନା କଟକଣା ଯୋଗୁଁ ଚଳିତବର୍ଷ ନୂଆଦିଲ୍ଲୀ ରାଜପଥରେ କେବଳ ୫ ହଜାର ଲୋକଙ୍କୁ ପରେଡ୍ ଉପଭୋଗ କରିବାକୁ ଅନୁମତି ମିଳିଛି। ଗୋଟେ ପଟେ ଦିଲ୍ଲୀ ରାଜପଥରେ ପରେଡ୍, ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ବେଳେ ଅନ୍ୟପଟେ ଆକାଶରେ ଏୟାର ସୋ ଦେଖିବାକୁ ମିଳିଥିଲା। ଯାହା ରାଜପଥରେ ଉପସ୍ଥିତ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାଫେଲ୍, ଜାଗୁଆର, ସୁଖୋଇ, ମିଗ୍-୨୯ ଭଳି ବିଭିନ୍ନ ଲଢୁଆ ବିମାନ ଆକାଶମାର୍ଗରେ ଶକ୍ତି ପ୍ରଦର୍ଶନ କରିଥିଲେ। ଭାରତୀୟ ବାୟୁସେନାର ୭୫ଟି ବିମାନ ଦମ୍ ଦେଖାଇଥିଲେ। ଯେଉଁଥିରେ ଥିଲା ଗୋଟିଏ ରାଫେଲ୍, ୨ଟି ଜାଗୁଆର, ୨ଟି ମିଗ୍-୨୯, ୨ଟି ସୁଖୋଇ-୩୦ ବିମାନ। ୭୩ତମ ଗଣତନ୍ତ୍ର ଦିବସ ଅବସରରେ ରାଜଘାଟରେ ପହଞ୍ଚିବା ପୂର୍ବରୁ ଜାତୀୟ ଯୁଦ୍ଧ ସ୍ମାରକୀ ଯାଇ ଦେଶ ମାତୃକାର ସେବା ଲାଗି ଜୀବନ ଉତ୍ସର୍ଗ କରିଥିବା ବୀର ଯବାନଙ୍କୁ ଶ୍ରଦ୍ଧାସୁମନ ପ୍ରଦର୍ଶନ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେଠାରେ ଦୁଇ ମିନଟ୍ ନୀରବ ପ୍ରାର୍ଥନା କରି ସହିଦ୍ ଯବାନଙ୍କ ସ୍ମୃତିଚାରଣ କରିଥିଲେ। ଏହାସହ ସେଠାରେ ଥିବା ଅତିଥି ଖାତାରେ ନିଜର ନାମ ଲେଖିଥିଲେ। ଚଳିତବର୍ଷ ଗଣତନ୍ତ୍ର ଦିବସ ପରେଡରେ ଭାରତୀୟ ସେନା ନିଜର ସ୍ୱତନ୍ତ୍ର କମ୍ବାଟ୍ ପୋଷାକ ପରିଧାନ କରିଥିଲେ। ଏହି ଅବସରରେ ସେନାବାହିନୀର ଯବାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଥିଲେ। ଗଣତନ୍ତ୍ର ଦିବସ ସମାରୋହରେ ଦେଶର ସୈନ୍ୟ ଶକ୍ତି ଓ ସାଂସ୍କୃତିକ ବିବିଧତାର ଏକ ଝଲକ ଦେଖିବାକୁ ମିଳିଥିଲା। ଏହି ଅବସରରେ ଭାରତୀୟ ବାୟୁସେନାର ୭୫ ବିମାନର ଭବ୍ୟ ଫ୍ଲାଇ-ପାଷ୍ଟ ଦେଖିବାକୁ ମିଳିଥିଲା। ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନା ପକ୍ଷରୁ ଫ୍ଲାଇ ପାଷ୍ଟ ସମୟରେ କକପିଟ୍ର ଭିଡିଓ ଦେଖାଇବା ନିମନ୍ତେ ଦୁରଦର୍ଶନ ସହ ବୁଝାମଣା ହୋଇଥିଲା। ଦୁରଦର୍ଶନର ୫୯ କ୍ୟାମେରା ଦ୍ୱାରା ସାଧାରଣତନ୍ତ୍ର ଦିବସର ସବୁ ଟିକିନିଖି ଖବରକୁ ପରିବେଶଣ କରାଯାଇଥିଲା।

### ସଂଶୟ ଦୂର କଲା କେନ୍ଦ୍ର

# ୨୦୦୭ରେ ଜନ୍ମିତଙ୍କୁ ମିଳିବ ଟିକା



**ନୂଆଦିଲ୍ଲୀ :** କରୋନା ବିରୋଧରେ ଜାରି ରହିଥିବା ଲଢ଼େଇ ଭିତରେ କେନ୍ଦ୍ର ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। କିଶୋରଙ୍କୁ ଟିକା ନେଇ ଜନ୍ମବର୍ଷ ସଂଶୟକୁ ଦୂର କରିଛନ୍ତି କେନ୍ଦ୍ର ସରକାର। ୨୦୦୭ରେ ଜନ୍ମିତ ପିଲାଙ୍କୁ କରୋନା ଟିକା ଦିଆଯିବ। ଏନେଇ ବିଭିନ୍ନ ରାଜ୍ୟମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ନିର୍ଦ୍ଦେଶକ ବିକାଶ ସିଲ୍ ଚିଠି ଲେଖି ସ୍ପଷ୍ଟ କରିଛନ୍ତି। ଏଥିରେ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି ଯେ, ୨୦୦୭ରେ ଯେଉଁ ପିଲା ଜନ୍ମ ହୋଇଥିବେ, ସେହି ପିଲାମାନେ କରୋନା ଟିକା ନେଇପାରିବେ। କେବଳ ୨୦୦୭ ନୁହଁନ୍ତି, ୨୦୦୫ ଏବଂ ୨୦୦୬ ମସିହାରେ ଜନ୍ମିତ ପିଲାଙ୍କୁ ମିଳିବ ଟିକା। ଯାହାଙ୍କୁ ୧୫ ବର୍ଷ ହୋଇଯାଇଛି କିମ୍ବା ୨୦୨୩ ଜାନୁୟାରୀ ୧ ସୁଦ୍ଧା ୧୫ ବର୍ଷ ବୟସ ହେବ, ତାଙ୍କୁ ବି ଟିକା ଦିଆଯାଇପାରିବ ବୋଲି ଚିଠିରେ ଦର୍ଶାଇଛନ୍ତି ଏନ୍ଏଚ୍ଏମ୍ ମିଶନ ନିର୍ଦ୍ଦେଶକ। ପବିତ୍ର ଖ୍ରୀଷ୍ଟମାସ ଓ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁଆରୀ ୩ ତାରିଖରୁ ଦେଶରେ ୧୫ରୁ ୧୮ ବର୍ଷ ବୟସ୍କଙ୍କ ଟିକାକରଣ ଆରମ୍ଭ ହେବା ନେଇ ଘୋଷଣା କରିଥିଲେ। ମୋଦିଙ୍କ ଘୋଷଣା ପରେ ଜାନୁଆରୀ ୩ରୁ ଦେଶରେ ୧୫ରୁ ୧୮ ବର୍ଷ ବର୍ଗରେ ଥିବା ପିଲାମାନଙ୍କ ଟିକାକରଣ କରାଯାଉଛି। ସେହିପରି ଜାନୁଆରୀ ୧୦ରୁ ୬୦ ବର୍ଷରୁ ଅଧିକ ବୟସ୍କ ଓ ବହୁବିଧ ରୋଗରେ ପୀଡ଼ିତ ଲୋକଙ୍କୁ ବୁଷ୍ଟର ଡୋଜ୍ ଦେବା ଆରମ୍ଭ କରାଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନେ ଟିକାର ବୁଷ୍ଟର ଡୋଜ୍ ବା ପ୍ରତିଷେଧମୂଳକ ଡୋଜ୍ ନେଇପାରିବେ। କରୋନାର ସମ୍ମୁଖଯୋଦ୍ଧାଙ୍କୁ ମଧ୍ୟ ଟିକାର ବୁଷ୍ଟର ଡୋଜ ଦିଆଯାଉଛି। ସୂଚନାଯୋଗ୍ୟ, ଦେଶରେ ବର୍ତ୍ତମାନ ୧୫ରୁ ୧୮ ବର୍ଷ ବର୍ଗଙ୍କୁ ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା କୋଭାକ୍ସିନ ଟିକା ଦିଆଯାଉଛି। କାରଣ ଅକ୍ଟୋବର ମାସରେ ସବଜେକ୍ଟ ଏକ୍ସପର୍ଟ କମିଟି କୋଭାକ୍ସିନକୁ ୨ରୁ ୧୮ ବର୍ଷ ବର୍ଗର ପିଲାମାନଙ୍କୁ ଦେବାକୁ ସୁପାରିସ କରିଛି। ଏହାକୁ ଆଧାର କରି ଭାରତ ସରକାର କୋଭାକ୍ସିନକୁ ହିଁ ବ୍ୟବହାର ପାଇଁ ଅନୁମତି ଦେଇ ପାରନ୍ତି।

# ଶୀଘ୍ର ଖୋଲିବ ସ୍କୁଲ !



**ନୂଆଦିଲ୍ଲୀ :** କରୋନା ମହାମାରୀ ପାଇଁ ଦୀର୍ଘ ସମୟ ଧରି ବନ୍ଦ ପଡ଼ିଥିବା ବିଦ୍ୟାଳୟ ଖୁବ୍‌ଶୀଘ୍ର ଖୋଲିପାରେ। ଏଥିପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଗାଇଡ୍ଲାଇନ୍ ଆଣୁଛନ୍ତି। କରୋନା ମହାମାରୀ ପାଇଁ ୨୦୨୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ପିଲାମାନେ ୨ ବର୍ଷରୁ ଅଧିକ ସମୟ ହରାଇ ସାରିଲେଣି। ଅନେକ ପିଲା ଆଦୌ ପାଠ ପଢ଼ି ପାରିନାହାନ୍ତି। କରୋନାର ଦ୍ୱିତୀୟ ଲହର ଯିବା ପରେ ସାରା ଦେଶରେ ବିଦ୍ୟାଳୟ ଖୋଲି ଯାଇଥିଲା। ହେଲେ ନୂଆ ଭାରିଆଣ୍ଟ ଓମିକ୍ରନ୍ ଆସିବା ଦ୍ୱାରା ପୁଣିଥରେ ସ୍କୁଲରେ ତାଲା ପଡ଼ିଗଲା। ଏହାକୁ ଦୃଷ୍ଟିରେ ରଖି ସ୍କୁଲ ଖୋଲିବାକୁ କେନ୍ଦ୍ର ସରକାର ମଡେଲ୍ ତିଆରି କରୁଛନ୍ତି। କୋଭିଡ୍-୧୯ର ସବୁ ନିୟମ ପାଳନ କରାଯାଇ ସ୍କୁଲରେ ପାଠପଢ଼ା ସ୍ୱାଭାବିକ କରିବାକୁ ଏହି ମଡେଲ୍ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ଏହି ମଡେଲ୍ ପ୍ରଚଳନ ହେଲେ ଶିକ୍ଷା ବ୍ୟବସ୍ଥା ପୁଣି ଟ୍ରାକ୍‌କୁ ଧୀରେ ଧୀରେ ଫେରିବ। ଆଉ ଅନ୍‌ଲାଇନ୍ ଶିକ୍ଷାଦାନର ଅସୁବିଧା ହେବନି। ବିଶେଷ କରି ୨ବର୍ଷରୁ ଅଧିକ ଦିନ ଧରି ଘରେ ରହିଥିବା ପ୍ରାଥମିକ ପିଲାମାନେ ସ୍କୁଲକୁ ଆସି ପଢ଼ିବେ। ଶିକ୍ଷାଗ୍ରହଣର କୋର୍ସ ଠିକ୍ ସମୟରେ ସରିବ ଆଉ ପରୀକ୍ଷା ହେବ। ବର୍ତ୍ତମାନ କରୋନା ସଂକ୍ରମଣ ତଳମୁହାଁ ହେଉଥିବାବେଳେ ସ୍କୁଲ ବନ୍ଦ କରିଥିବା ଅନେକ ରାଜ୍ୟ ପୁଣିଥରେ ସ୍କୁଲ ଖୋଲିଛନ୍ତି। ଆଉ କିଛି ଆଗକୁ ସ୍କୁଲ ଖୋଲିବାକୁ ଘୋଷଣା କରିଛନ୍ତି। ଗତ ୨୪ ତାରିଖରୁ କୋଭିଡ୍ ଗାଇଡ୍ଲାଇନ୍ ଅନୁସାର ମହାରାଷ୍ଟ୍ରରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିଯାଇଛି। ଆସନ୍ତା ୧ ଫେବ୍ରୁଆରିଠୁ ଦଶମରୁ ଦ୍ୱାଦଶ ଶ୍ରେଣୀ ଯାଏ ଖୋଲିବାକୁ ହରିୟାଣା ସରକାର ଘୋଷଣା କରିଛନ୍ତି। ଉତ୍ତରାଖଣ୍ଡରେ ୧୦ମରୁ ଦ୍ୱାଦଶ ଯାଏ ଅଫ୍ଲାଇନ୍‌ରେ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ସେହିପରି କେରଳରେ ଦଶମରୁ ଦ୍ୱାଦଶ ଶ୍ରେଣୀରେ ଟିକା ନେଇଥିବା ପିଲାମାନେ ଅଫ୍‌ଲାଇନ୍‌ରେ କ୍ଲାସ୍ କରିବାକୁ ଅନୁମତି ଦିଆଯାଇଛି।

## ୨୨୪ ନୂତନ ପ୍ରଜାତିଙ୍କ ସୂଚୀରେ ସ୍ଥାନ ପାଇଲା ଭୂତ ଭଳି ଆଖି ଥିବା ମାଙ୍କଡ଼



**ନୂଆଦିଲ୍ଲୀ :** ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠିର ସଦ୍ୟ ରିପୋର୍ଟରେ ୨୨୪ର ନୂଆ ପ୍ରଜାତିଙ୍କ ତାଲିକାରେ ଭୂତ ଭଳି ଆଖି ଥିବା ମାଙ୍କଡ଼ର ଏକ ପ୍ରଜାତିକୁ ସାମିଲ କରାଯାଇଛି। ଏହି ମାଙ୍କଡର ଆଖି ଚାରିପଟେ ଧଳା ରଙ୍ଗ ରହିଥିବାରୁ ଏହାକୁ ଘୋଷ୍ଟଲୀ ମଙ୍କି ବୋଲି କୁହାଯାଏ। ମେକଙ୍ଗ ଅଞ୍ଚଳ ପାଇଁ ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି ପକ୍ଷରୁ ଏହି ରିପୋର୍ଟ ପ୍ରକାଶ କରାଯାଇଛି। ମେକଙ୍ଗ ଅଞ୍ଚଳ ଏକ ଜୈବ ବିବିଧତାପୂର୍ଣ୍ଣ ଅଞ୍ଚଳ। ଏହା ବାଘ, ହାତୀ ଏବଂ ଅତ୍ୟନ୍ତ ଦୁର୍ଲଭ ପ୍ରଜାତିର ବନ୍ୟପ୍ରାଣୀଙ୍କ ପାଇଁ ପ୍ରକୃତିକ ଘର। ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠିର ସୂଚୀରେ ଏହି ବନ୍ୟପ୍ରାଣୀଙ୍କ ସୁରକ୍ଷା ନେଇ ଥିବା ଆବଶ୍ୟକତାକୁ ରେଖାଙ୍କିତ କରାଯାଇଛି। ଏହି ଅଞ୍ଚଳ ୬ଟି ଦେଶରେ ବ୍ୟାପିଥିବା ବେଳେ ଏହାର ଆକାର ୨୦୦ ମିଲିୟନ ଏକର। ୨୦୨୦ରେ ଏହି ପ୍ରଜାତିର ମାଙ୍କଡ ପ୍ରଥମେ ଦେଖାଦେଇଥିଲା, କିନ୍ତୁ ରିପୋର୍ଟ ଆସିବାରେ ବିଳମ୍ବ ହୋଇଛି। ମ୍ୟାନମାରରେ ବିଲୁପ୍ତ ହୋଇସାରିଥିବା ମାଉଣ୍ଟ ପୋପାର ଜ୍ୱାଳାମୁଖୀର ପାହାଡରେ ଏହି ପ୍ରଜାତି ରହୁଥିବାରୁ ଏହାର ପ୍ରକୃତ ନାଁ ପୋପା ଲଙ୍ଗୁର। ଏହି ସୂଚୀରେ ଏହା ଏକମାତ୍ର ସ୍ତନ୍ୟପାୟୀ ପ୍ରାଣୀ। ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠିର ଏହି ସୂଚୀରେ ଗର୍ଜନରୁ ଅଧିକ ନୂତନ ପ୍ରଜାତିର ମାଛ, ସରିସୃପ, ଗଛକୁ ସାମିଲ କରାଯାଇଛି। ୧୯୯୭ ମସିହା ପରଠାରୁ ବୈଜ୍ଞାନିକମାନେ ଏହି ଅଞ୍ଚଳରେ ୩୦୦୦ରୁ ଅଧିକ ନୂତନ ପ୍ରଜାତିକୁ ଚହ୍ନଟ କରିଥିବା ଡବ୍ଲୁଡବ୍ଲୁଏଫ ପକ୍ଷରୁ କୁହାଯାଇଛି। ଏହି ପ୍ରଜାତିର ମାଙ୍କଡ ଅନ୍ତର୍ଜାତୀୟ ସଂଘର ଲାଲ ସୂଚୀରେ ଥିବା ବିଲୁପ୍ତପ୍ରାୟ ପ୍ରଜାତି ଭାବେ ସାମିଲ ହୋଇପାରେ।

# ଟାଟା ପାଖକୁ ଫେରିଲା ଏୟାର ଇଣ୍ଡିଆ





**ନୂଆଦିଲ୍ଲୀ:** ଶେଷରେ ବିଧିବଦ୍ଧ ଭାବେ ଟାଟା ପାଖକୁ ଫେରିଛି ଏୟାର ଇଣ୍ଡିଆ। ଗୁରୁବାର ସରକାର ଔପଚାରିକ ଭାବେ ଟାଟା ଗ୍ରୁପକୁ ହସ୍ତାନ୍ତ କରିଛନ୍ତି। ଏବେ ଏୟାର ଇଣ୍ଡିଆର ସମସ୍ତ ପରିଚାଳନା ଦାୟିତ୍ୱ ତାର ନୂଆ ମହାରାଜା ଟାଟା ଗ୍ରୁପ ଅଧିନକୁ ଆସିଛି। କେନ୍ଦ୍ର ସରକାରଙ୍କ ଘରୋଇକରଣ ଯୋଜନା ଅଧୀନରେ ଏୟାର ଇଣ୍ଡିଆକୁ ସାମିଲ କରାଯାଇ ଏହାର ସଫଳ ନିଲାମ କରାଯାଇଛି। ଆଜି ସରକାରୀ ଭାବେ ହସ୍ତାନ୍ତର ପୂର୍ବରୁ ଟାଟା ସନ୍ ଅଧକ୍ଷ ଏନ୍ ଚନ୍ଦ୍ରଶେଖରନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଟାଟା ଗ୍ରୁପୁକୁ ଏୟାର ଇଣ୍ଡିଆ ଫେରିବା ପରେ ଆମେ ଅତ୍ୟନ୍ତ ଖୁସି ବୋଲି ଏନ୍ ଚନ୍ଦ୍ରଶେଖରନ୍ କହିଛନ୍ତି। ଏହାକୁ ବିଶ୍ୱସ୍ତରୀୟ ଏୟାର ଲାଇନ୍ସ ତିଆରି କରିବାରେ ଟାଟା ଗ୍ରୁପ ଉଦ୍ୟମ କରିବ ବୋଲି ସେ କହିଛନ୍ତି। ଗତ ବର୍ଷ ଅକ୍ଟୋବରରେ ନିଲାମି ପ୍ରକ୍ରିୟାରେ ଟାଟା ଗ୍ରୁପ୍ ସବୁଠୁ ଅଧିକ ଟଙ୍କା ୧୮,୦୦୦ କୋଟି ଟଙ୍କା ଦେଇ ଏହାକୁ କିଣିଥିଲା। କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାର କରିବା ପରେ ଏୟାର ଇଣ୍ଡିଆର ମାଲିକାନା ଟାଟା ଗ୍ରୁପ୍ ହାତକୁ ଫେରିଛି। କେନ୍ଦ୍ର ସରକାର ଅକ୍ଟୋବର ୨୫ରେ ୧୮,୦୦୦ କୋଟି ଟଙ୍କାରେ ଏୟାର ଇଣ୍ଡିଆର ବିକ୍ରି ପାଇଁ ଟାଟା ସନ୍ସ ସହ ରାଜିନାମା କରିଥିଲେ। ସରକାରଙ୍କୁ ୨୭୦୦ କୋଟି ଟଙ୍କା ନଗଦ ଦେବ ଏବଂ ଏୟାର ଲାଇନ୍ ଉପରେ ଥିବା ୧୫,୩୦୦ କୋଟି ଟଙ୍କା ବକେୟା ପରିଶୋଧ କରିବା ନେଇ ଚୁକ୍ତି ହୋଇଥିଲା। ଏୟାର ଇଣ୍ଡିଆ ୨୦୦୭-୦୮ରେ ଇଣ୍ଡିଆନ ଏୟାରଲାଇନ୍ସ ସହିତ ବିଲୟ ପରଠୁ କ୍ରମାଗତ ଘାଟାରେ ଚାଲିଥିଲା।

# ଇଂଲଣ୍ଡ ହଟାଇଲା ବାଧ୍ୟତାମୂଳକ ମାସ୍କ ପିନ୍ଧିବା କଟକଣା



**ଲଣ୍ଡନ :** ମହାମାରୀ କରୋନାର ଓମିକ୍ରନ ଭାରିଏଣ୍ଟ ଜନିତ ସଂକ୍ରମଣକୁ ରୋକିବା ପାଇଁ ଲାଗୁ ହୋଇଥିବା କଟକଣା ଗୁରୁବାର ଠାରୁ ପ୍ରତ୍ୟାହାର ହୋଇଛି। ବ୍ରିଟେନ ସରକାର କଟକଣାକୁ ହଟାଇବା ସହ ଇଂଲଣ୍ଡର କୌଣସି ବି ସ୍ଥାନରେ ଆଉ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ନୁହେଁ ବୋଲି କହିଛନ୍ତି। ସେହିପରି ସର୍ବସାଧାରଣ ସ୍ଥାନଗୁଡ଼ିକରେ ପ୍ରବେଶ ପାଇଁ ଟିକା ପ୍ରମାଣପତ୍ର ଜରୁରୀ ନିୟମକୁ ମଧ୍ୟ ସରକାର ହଟାଇ ଦେଇଛନ୍ତି। ବ୍ରିଟେନରେ ଓମିକ୍ରନ ଭାରିଏଣ୍ଟ ସାଂଘାତିକ ସ୍ଥିତି ସୃଷ୍ଟି କରିଥିବାରୁ ସରକାର କଟକଣା ଲଗାଇଥିଲେ। ହେଲେ ଦୁଇ ସପ୍ତାହ ହେଲାଣି ଦେଶରେ ସଂକ୍ରମଣ ହ୍ରାସ ପାଉଥିବାରୁ ସରକାର ଆଜି ଠାରୁ କଟକଣା ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ ସାଜିଦ ଜାଭିଡ କହିଛନ୍ତି, "ଟିକାକରଣ, ଟେଷ୍ଟିଂ ଓ ଆଣ୍ଟି ଭାଇରାଲ ଯୋଗୁ ଆମେ କରୋନାର ମୁକାବିଲା କରିପାରିଛୁ। ସଂକ୍ରମଣକୁ ନିୟନ୍ତ୍ରଣ କରାଯିବାରୁ ପ୍ଲାନ ଏ ଲାଗୁ ହୋଇଛି। ଫଳରେ ଲୋକମାନେ ଏବେ ଅଧିକ ସ୍ୱାଧୀନତା ପାଇବେ। କିନ୍ତୁ ଆମକୁ ସତର୍କ ରହିବାକୁ ପଡ଼ିବ। ଆମେ ଭାଇରସ ସହ ବଞ୍ଚିବା ଶିଖି ଗଲେଣି। ତଥାପି ଭାଇରସ କେଉଁଆଡ଼େ ଯାଇ ନାହିଁ ବୋଲି ଆମକୁ ମନେରଖିବାକୁ ହେବ।" ସରକାର ଗତ ସପ୍ତାହରେ ତତ୍କାଳ ଭାବେ ଦେଶରେ ଲାଗୁ ହୋଇଥିବା ଘରୁ ରହି କାମ କରିବା ନିୟମକୁ ପ୍ରତ୍ୟାହାର କରିଥିଲେ। ଆଜିଠାରୁ ମାସ୍କ ପିନ୍ଧିବା ନିୟମକୁ ହଟାଇ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟଗତ ପାସ୍ ବା ଟିକା ପାସ୍ ମଧ୍ୟ ସର୍ବସାଧାରଣ ସ୍ଥାନଗୁଡ଼ିକରେ ଲୋକଙ୍କୁ ଦେଖାଇବାକୁ ପଡ଼ିବନି। ଏହାର ଅର୍ଥ ଲୋକମାନେ ବିନା କୌଣସି କଟକଣାରେ ନାଇଟ କ୍ଲବ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ। ବ୍ରିଟେନ ସରକାର ଏପରି ନିୟମ ପ୍ରଣୟନ କରିଥିଲେ ମଧ୍ୟ ଲଣ୍ଡନରେ ଏହା ଲାଗୁ ହେବନି। ଲଣ୍ଡନରେ ଏବେ ବି ବସ୍, ଟ୍ରେନ ଓ ସର୍ବସାଧାରଣ ସ୍ଥାନରେ ଲୋକଙ୍କୁ ମାସ୍କ ପରିଧାନ କରିବାକୁ ପଡ଼ିବ ବୋଲି ସେଠାକାର ମେୟର କହିଛନ୍ତି। କିଛି ଦୋକାନୀ ମଧ୍ୟ ପୂର୍ବଭଳି ମାସ୍କ ପିନ୍ଧିବା ନିୟମକୁ ପାଳନ କରିବେ ବୋଲି ଘୋଷଣା କରିଛନ୍ତି। ବ୍ରିଟେନରେ ଓମିକ୍ରନ ଭାରିଏଣ୍ଟ ସଂକ୍ରମଣ ବୃଦ୍ଧି କରୁଥିଲେ ହେଁ ଅଧିକାଂଶ ଆକ୍ରାନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡୁନି। ସେହିପରି ସଂକ୍ରମଣ ତୁଳନାରେ ମୃତ୍ୟୁହାର ମଧ୍ୟ ଯଥେଷ୍ଟ କମ। ବିଶେଷଜ୍ଞମାନେ କହିଛନ୍ତି ଯେ ମହାମାରୀ କରୋନା ସହ ଲୋକମାନେ ବଞ୍ଚିବା ଶିଖି ଗଲେଣି। ମହାମାରୀ କେବେ ସଂପୂର୍ଣ୍ଣ ଭାବେ ଶେଷ ହେବ, ସେକଥା କହି ହେବନି। ତେଣୁ ଜୀବନ ଯାତ୍ରା ସ୍ୱାଭାବିକ ହେବା ଦରକାର ବୋଲି ସେମାନେ ମତ ଦେଇଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ଡିସେମ୍ବର ୮ରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନସନ ବିଭିନ୍ନ ପ୍ରକାରର କଟକଣା ସମ୍ପର୍କରେ ଘୋଷଣା କରିଥିଲେ। କଟକଣା ଅନୁଯାୟୀ, ସମସ୍ତ ସ୍ଥାନରେ ମାସ୍କ ପିନ୍ଧବା ବାଧ୍ୟତାମୂଳକ ହୋଇଥିଲା। ସେହିପରି ନାଇଟ କ୍ଲବ, ଫୁଟବଲ ଷ୍ଟାଡିୟମ ଓ ଅନ୍ୟ ସ୍ଥାନକୁ ଯିବା ପାଇଁ ହେଲେ, ଟିକା ପ୍ରମାଣପତ୍ର ଦେଖାଇବା ଜରୁରୀ ବୋଲି କୁହାଯାଇଥିଲା। ହେଲେ ଏବେ ସ୍ଥିତି ବଦଳିଛି। ୩୭ ମିଲିୟନ ଲୋକ କରୋନା ବିରୋଧରେ ବୁଷ୍ଟର ଡୋଜ୍ ନେବା ପରେ ସ୍ୱାଭାବିକ ଅବସ୍ଥାକୁ ଫେରିଛି ବ୍ରିଟେନ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୧ ଜାନୁଆରୀ - ୦୬ ଫେବୃଆରୀ, ୨୦୨୨

# ସତ୍ୟପଥ ହିଁ ଶ୍ରେୟ

ନିରାଶାର ଘନ ଅନ୍ଧକାର ମଧ୍ୟରେ ରହି ସଂସାର ରୂପକ ନାଆରେ ବସିବା ଏକ ବେଦନା ଦାୟକ ଅନୁଭବ ନିଶ୍ଚୟ। ନିଜ ଚାରିପଟେ ଥିବା ଦୁଃଖର ପାହାଡ଼କୁ ଅତିକ୍ରମ କରିପାରିଲେ ଆମେ ଅନାୟାସରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା। ହେଲେ ଏହି ଲକ୍ଷ୍ୟସ୍ଥଳ କଣ ବୋଲି ପଚରାଗଲେ ହୁଏତ ଏହାର ସଠିକ ଉତ୍ତର କହିବା ସହଜ ନୁହେଁ। କାରଣ ଭିନ୍ନ ଭିନ୍ନ ପରିସ୍ଥିତି ଓ ପରିବେଶ ହିଁ ଲକ୍ଷ୍ୟସ୍ଥଳ ପାଇଁ ନିର୍ଣ୍ଣାୟକ ଭୂମିକା ନିଭାଇଥାଏ। ଯଦିଓ ଆମେ ବିଶ୍ୱାସ କରି ଈଶ୍ୱର ଆମକୁ ଜନ୍ମ ଦେଇଛନ୍ତି, ସେ ସବୁ ସ୍ଥିର କରିବେ। ହେଲେ ଅଦୃଶ୍ୟରେ ଥାଇ ଈଶ୍ୱର କିଭଳି ଆମ ଲକ୍ଷ୍ୟ ପଥ ନିର୍ଦ୍ଧାରଣ କରିବେ ! ସେଭଳି ହୋଇଥିଲେ ପ୍ରତ୍ୟେକ ବ୍ୟକ୍ତି ସୁଖ ଓ ଆନନ୍ଦରେ ରହିପାରିଥାନ୍ତେ। ହେଲେ ସେଭଳି ହେବାର ଅନୁଭବ କ୍ୱଚିତ ବ୍ୟକ୍ତିଙ୍କ ନିକଟରେ ଥାଇପାରେ। ମାତ୍ର ଆମକୁ ଯୋଗ୍ୟତା ଅନୁସାରେ କର୍ମ କରିବାକୁ ପଡେ, ତଦ୍ୱାରା ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାର ଆଗ୍ରହ ସୃଷ୍ଟି ହୋଇଥାଏ। ବିଡ଼ମ୍ବନାର କଥା ହେଉଛି ଆମେ ନିଜେ ନିଜର କର୍ତ୍ତବ୍ୟ, ଦାୟିତ୍ୱ ଭୁଲି ଅନ୍ୟର ସୁଖ ଭୋଗ ଉପରେ ନଜର ପକାଉ। ଯାହାର ପରିଣାମ ଆମ ଭିତରେ ଅସୁୟା, ଆଳସ୍ୟ, କ୍ରୋଧ ଏବଂ ହିଂସା ମନୋବୃତ୍ତି ବଢିଥାଏ। ଅବଦମିତ ଇଚ୍ଛା ପୂରଣର ଯେଉଁ ଆକାଂକ୍ଷା ସୃଷ୍ଟି ତାହାର ପୂର୍ତ୍ତି ନିମନ୍ତେ ଅସାଧୁ ପଥ ନିର୍ଦ୍ଧାରଣ କରିବା ଦିଗରେ କିଛି ଲୋକ ବ୍ୟଗ୍ର ହୋଇଉଠନ୍ତି। ଫଳସ୍ୱରୂପ ଅନ୍ୟାୟ ମାର୍ଗରେ ଯାଇ ଇଚ୍ଛାକୁ ଫଳବତୀ କରିବାର ଚିନ୍ତା ବଢିବା ସହିତ ହତାଶ ହେଲେ ଦୁଶ୍ଚିନ୍ତାର ଶିକାର ହେବାକୁ ପଡିପାରେ। ତେଣୁ କାହାର ଉତ୍ଥାନ ଦେଖି ହିଂସ୍ରକ ହେବା ବଦଳରେ ନିଜେ କିଛି ଉତ୍ତମ କର୍ମରେ ନିୟୋଜିତ ହେବା ଚିନ୍ତା ମନ ଭିତରେ ଜାଗ୍ରତ କରିବାକୁ ପଡିବ। କିନ୍ତୁ ଆଜିକାଲି ଯାହା ଦେଖିବାକୁ ମିଳୁଛି, ସେଥିରେ ମଣିଷ ଅତିମାତ୍ରାରେ ଛଳନାଶ୍ରିତ। ଯିଏ ଯାହା ନୁହେଁ ତାହାଠାରୁ ଅଧିକ ବୋଲି ଦେଖେଇହେବାର ଏକପ୍ରକାର ପ୍ରତିଯୋଗିତା ଚାଲିବା ଭଳି। ତେଣୁ କର୍ମ ଓ ନିଷ୍ଠା ମଧ୍ୟରେ ସନ୍ତୁଳନ ଅପେକ୍ଷା ମିଛ ମଣିଷର ଅଭିନୟ ଭଳି ଜୀବନ ଦୁର୍ବିସହ ହୋଇଚାଲିଛି। ସାମ୍ପ୍ରତିକ ସମୟରେ ମାନସିକ ସ୍ଥିତିକୁ ବଜାୟ ରଖିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ହୁଏତ ମଣିଷ ଏହାକୁ ଦୃଢ଼ ଭାବେ ସ୍ୱୀକାର କରିନପାରେ। କିନ୍ତୁ ଜଣଙ୍କର ପାରିପାର୍ଶ୍ୱିକ ଅବସ୍ଥା ହିଁ ଏହାର ସୂଚନା ଦେଇଥାଏ। ଯେପର୍ଯ୍ୟନ୍ତ ମନ ଭିତରେ ସ୍ଥିରତା ଆସିନାହିଁ ସେପର୍ଯ୍ୟନ୍ତ ଜଣେ ସୁସ୍ଥ ମଣିଷ ଭାବେ କାର୍ଯ୍ୟ କରିପାରିବ ବୋଲି ବିଶ୍ୱାସ ମଧ୍ୟ ହୋଇନଥାଏ। ସେଭଳି ବ୍ୟକ୍ତିଙ୍କ ଜୀବନରେ ନୂତନ ଆଶା ଜାଗ୍ରତ ହେବା କଷ୍ଟକର। କାରଣ ମନ ଭିତରେ ବ୍ୟାକୁଳତା ରଖି କାମ କରିବା ଉପରେ ଧ୍ୟାନ ନରଖି ଜୀବନ ପ୍ରତି ବିତୃଷ୍ଣା ଭାବ ସୃଷ୍ଟି କରିବା ଦ୍ୱାରା ପରିସର ସଙ୍କୁଚିତ ହୋଇପଡେ। ଜଣେ ଯେତିକି ପଥ ଅତିକ୍ରମ କରିବାର କ୍ଷମତା ରଖିଥାଏ ତାହା ହରାଇବସେ। ସବୁରି ମୂଳରେ ବିଶ୍ୱାସ ଓ ଭରସା ରହିବା ନିତାନ୍ତ ଆବଶ୍ୟକ। କାହାକୁ ବିଶ୍ୱାସ ନକଲେ ତୁମକୁ ମଧ୍ୟ କେହି ବିଶ୍ୱାସ କରିବେନାହିଁ। ଜଣେ ହୁଏତ ଅନ୍ୟ ଉପରେ ନିର୍ଭରଶୀଳ ହୋଇ ବଞ୍ଚିବା ଠିକ ହୋଇନପାରେ, ମାତ୍ର ଅନ୍ୟ ପ୍ରତି ବିଶ୍ୱାସ ଭାବ ସୃଷ୍ଟି କରିବା ହେଉଛି ମାନବୀୟ ଧର୍ମ।

ସମ୍ପାଦକୀୟ
ତାରକ ମହାନ୍ତି



ଯେମିତିକି ବିଶ୍ୱାସ ମୂଳେ ଏ ଜଗତ ଓ ସମ୍ପର୍କ। ଈଶ୍ୱରୀୟ ସତ୍ତା ଏକ ଅନୁଭବ, ଏହାକୁ ଚାଲେଞ୍ଜ କରି ଦେଖି ହୁଏନାହିଁ। ସୂକ୍ଷ୍ମ ବସ୍ତୁଟିର ଆକାର ପ୍ରକାର ଅପେକ୍ଷା ଏହାର ଅନୁଭବ ହିଁ ବିଶେଷତ୍ୱ। ଯେକୌଣସି ପରିସ୍ଥିତିରେ ମଣିଷ ଆଶାବାଦୀ ହେବା ଦରକାର। ନିରାଶାବାଦ ଅନ୍ଧକାର ସଦୃଶ। ଏହା ଭିତରକୁ ଥରେ ଟାଣି ହୋଇଗଲେ ଆଗକୁ ଥିବା ରାସ୍ତା ଅଦୃଶ୍ୟ ହୋଇପଡେ। ଅନ୍ଧାରୀ ଗୁମ୍ଫା ମଧ୍ୟରେ ଥାଇ ଆଲୋକ ଖୋଜିବା କଷ୍ଟ ହୋଇପାରେ, ମାତ୍ର ଆଲୋକ ଖୋଜିବା ହେଉଛି କର୍ତ୍ତବ୍ୟ। ନିଜେ ନିଜ ପାଇଁ ପଥ ନଖୋଜିଲେ ଅନ୍ୟ ଜଣେ କିପରି ଏହାକୁ ସମ୍ଭବ କରିପାରିବ ! ସମୟ ସମସ୍ତଙ୍କ ଉପରେ ଦାଉ ସାଧିପାରେ। ଆମକୁ ଭୋଗିବାକୁ ଥିବା କର୍ମଫଳ ଏ ଜନ୍ମରେ ହିଁ ସାମ୍ନା କରିବାକୁ ହୁଏ। ହେଲେ ଏହାର ଅର୍ଥ ନୁହେଁ ଯେ ବିପଦ ଆସିବା କ୍ଷଣି ହାରିଯିବାର ଭୟ ନିଜ ଭିତରେ ସ୍ଥାନଦେବା। ହଜାର ହଜାର ବର୍ଷ ଧରି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ସମାଜ ଆଗକୁ ଗତି କରୁଛି। ଏଥିରେ ଚିନ୍ତିତ ହେବାର କାରଣ କଣ। ବିପଦ ଆସେ ଓ ଚାଲିଯାଏ। ଯେଉଁମାନେ ଏହାର ସଠିକ ମୁକାବିଲା କରିପାରନ୍ତି ସେମାନଙ୍କ ଜୀବନରେ ଭବିଷ୍ୟତର ଆଶା ଦୃଢ଼ ହୁଏ। ତେଣୁ ସବୁ ମୂଳରେ ଆଶାବାଦ ହିଁ ଆଲୋକ ପଥ, ଯେଉଁପଟେ ଯିବାକୁ ପଡିଥାଏ। ହତାଶ ହେଲେ କେହି କିଛି କରିପାରିବେନି। ଜଣେ ମନୋବିଜ୍ଞାନୀ ହୁଏତ ଚିକିତ୍ସା କରିପାରେ ମାତ୍ର ଆମକୁ ମାନସିକ ସୁସ୍ଥତା ଦରକାର। ଯାହା ନିଜେ ଚିନ୍ତା କରି ଜୀବନକୁ ସେଭଳି ଗଢିବାକୁ ପଡେ। ଆତ୍ମଶୁଦ୍ଧି ଦ୍ୱାରା ଶରୀର ଓ ମନକୁ ନିର୍ମଳ ରଖି ଜୀବନରେ ଯେଉଁ ମଣିଷ ଆଗକୁ ଚାଲିବାର ଲକ୍ଷ୍ୟ ରହିଥାଏ, ସିଏ ନିଶ୍ଚୟ ଲକ୍ଷ୍ୟସ୍ଥଳରେ ପହଂଚିପାରେ। ବାଧାବିଘ୍ନ ତ ନିଶ୍ଚୟ ଆସିବ ହେଲେ ଏହାକୁ ପ୍ରତିହତ କରିବାର କ୍ଷମତା ଈଶ୍ୱର ମଣିଷକୁ ଦେଇଛନ୍ତି। ମଣିଷ ଜାଣିଶୁଣି ବୋକା ହେବାର ଅଭିନୟ କରିଚାଲିଲେ ସ୍ୱୟଂ ଈଶ୍ୱର ମଧ୍ୟ ଅସହାୟ ହୋଇପଡିବେ। ବୁଦ୍ଧି, ବିବେକ ଓ ଜ୍ଞାନ ମାଧ୍ୟମରେ ବହୁ ଅସାଧ କାର୍ଯ୍ୟ ସହଜରେ ହୋଇପାରେ।ଏକଥା ବୁଝିପାରିବା ହେଉଛି ଦିବ୍ୟଜ୍ଞାନ। ଅନେକ ସମୟରେ ଦେଖିବାକୁ ମିଳିଛି ମଣିଷ ଆଳସ୍ୟ ବଶତଃ ହେଉ କିମ୍ବା କାର୍ତ୍ତବ୍ୟରେ ଅବହେଳା କରି ନିଜ ଜୀବନକୁ ନର୍କକୁ ଠେଲିଦେଇଛି। ହେଲେ ଏଥିରୁ ଉଦ୍ଧାର ପାଇବା ପାଇଁ ଯେଉଁ ପ୍ରୟାସ ଲୋଡ଼ା ତାହା ମଧ୍ୟ ପାଳନ କରୁନାହିଁ। ତେଣୁ ବିଚାର କରନ୍ତୁ, ଜାଣିଜାଣି ଖାତରେ ପଡି ଅନ୍ୟକୁ ଦୋଷ ଦେବା ଏକ ମନ୍ଦ ଗୁଣ। ମଣିଷ ଯେପର୍ଯ୍ୟନ୍ତ ନିଜର ମନ୍ଦ ସ୍ୱଭାବ ତ୍ୟାଗ କରିବନାହିଁ ସେପର୍ଯ୍ୟନ୍ତ ତାକୁ ଶାନ୍ତିର ମାର୍ଗ ଦିଶିବନାହିଁ। ପରିସ୍ଥିତିର ତାଡନାରେ ହେଉଥିବା ତ୍ରୁଟି ଏବଂ ଜାଣିଶୁଣି ତ୍ରୁଟି କରିବା ମଧ୍ୟରେ ପ୍ରଭେଦ ଅଛି। ସେହିଭଳି ଯେଉଁ ମଣିଷ ସତ୍ୟକୁ ସ୍ୱୀକାର ନକରି ମିଥ୍ୟା ମାର୍ଗରେ ବାଟ ଚାଲେ ଆଗକୁ ଝୁଣ୍ଟିପଡିବାର ସମ୍ଭାବନା ଅଧିକ। ଚତୁର ପଣରେ କିଛି କ୍ଷଣ ଅନ୍ୟକୁ ବୋକା କରିହୁଏ। କିନ୍ତୁ ସମଗ୍ର ଜୀବନ ଚତୁରତା କାର୍ଯ୍ୟ କରିନଥାଏ। ବିଜ୍ଞତା ଓ ଅଜ୍ଞତା ଦୁଇଟି ପ୍ରସଙ୍ଗ। ଅଜ୍ଞତାରୁ ଚେଷ୍ଟାକରି ଜଣେ ମୁକୁଳିପାରିବ। ମାତ୍ର ଅଜ୍ଞତା ସତ୍ତ୍ୱେ ନିଜକୁ ବିଜ୍ଞ କହି କେହି କେବେ ଉଦ୍ଧାର ପାଇନାହିଁ। ଅସାଧୁ ଉପାୟରେ ହୁଏତ ଧନ ସମ୍ପତ୍ତି ଆହରଣ କରିହୁଏ, କିନ୍ତୁ ଏହାଦ୍ୱାରା ମଣିଷକୁ ଶାନ୍ତି ମିଳିନଥାଏ। ତେଣୁ ଶାନ୍ତିରେ ବଞ୍ଚିବା ଗୁରୁତ୍ୱପୂର୍ଣ୍ଣ ନା ଅଶାନ୍ତିରେ ଥାଇ ଅନ୍ୟାୟ ଭାବେ ଧନ ବଢାଇବା ଗୁରୁତ୍ୱପୂର୍ଣ୍ଣ ତାହା ବିଚାର୍ଯ୍ୟ। ଈଶ୍ୱର ଯେଉଁ ୪ଟି ଦାନ ଦେଇଛନ୍ତି, ତାହାକୁ ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ। କେହି ଚାହିଁଲେ ବି ଏହାକୁ ଅସ୍ୱୀକାର କରିପାରିବେନାହିଁ। ତାହା ହେଉଛି-ଜନ୍ମ, ବ୍ୟାଧି, ଜରା ଓ ମୃତ୍ୟୁ। ତେଣୁ ସତ୍ୟ ପଥ ଅନୁସରଣ ହିଁ ଶ୍ରେୟ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସହନଶୀଳତା

ପଙ୍କଜ କୁମାର ପାଣିଗ୍ରାହୀ

ମାନସିକ ଭାବାବେଗକୁ ପ୍ରଶମିତ କରି ଧୈର୍ଯ୍ୟର ସହିତ କୌଣସି କାର୍ଯ୍ୟ କଲେ ଅସହିଷ୍ଣୁ

ମନୋଭାବ ସୃଷ୍ଟି ହେବା ସମ୍ଭାବନା କମ୍, ଯାହା ସାଧାରଣ ମଣିଷ ବୁଝି ପାରନ୍ତି ନାହିଁ !

ସହନଶୀଳତା ଏକ ମାନବୀୟ ଚରିତ୍ର ଯାହା ପ୍ରବାହ କରିବା

ଅତ୍ୟନ୍ତ କଷ୍ଟକର ହୋଇ ପଡିଛି ଆଜିର ସାମାଜିକ ପରିବେଶରେ !

କ୍ରୋଧର ବିପରୀତ ଚରିତ୍ର ସହନଶୀଳତା। ମନର ଆକାଂକ୍ଷା ଜନିତ ଆବେଗ ମଣିଷକୁ ଅସ୍ଥିର ଭାବାପନ୍ନ କରି ନିଜର ବିଚାର ବିପରିତରେ ଅସହିଷ୍ଣୁ ମନୋଭାବ ସୃଷ୍ଟି କରିଥାଏ। ନିଜସ୍ୱ ବିଚାରଧାରାର ବିପରୀତମୁଖୀ କାର୍ଯ୍ୟ ପ୍ରତି ଅସହନଶୀଳ ହେବା ମଣିଷର ଏକ ଅଜ୍ଞାନ ଚରିତ୍ର। ସାମାଜିକ, ପାରିପାର୍ଶ୍ୱିକ, ପ୍ରାକୃତିକ ନିୟମ ଗୁଡିକୁ ପ୍ରତ୍ୟାଖ୍ୟାନ କରି କେବଳ ବ୍ୟକ୍ତିଗତ ଭାବ କୈନ୍ଦ୍ରିକ ଉପଲବ୍ଧି ବିଚାର ରଖୁଥିବା ମଣିଷ ଅପ୍ରାପ୍ତିରେ କ୍ଷୁବ୍ଧ, ଅସ୍ଥିର ମନୋଭାବ ପୋଷଣ କରିବା ସ୍ୱାଭାବିକ। ସେହି ଅସ୍ଥିର ଭାବ ମଣିଷକୁ ଅସହିଷ୍ଣୁ କରିଦେଇ ଥାଏ । ତେଣୁ କ୍ଷଣ କ୍ଷଣ ମଣିଷ ବିବ୍ରତ ମନୋଭାବ ପ୍ରକାଶ କରି ନିଜର ଧୈର୍ଯ୍ୟ, ସହନଶୀଳତା କ୍ଷୁର୍ଣ୍ଣ କରିଥାଏ । ମଣିଷ ନିଜର ଜନ୍ମଗତ ଚରିତ୍ର ହେତୁ ଅନେକ ବିଚାରଧାରା ପ୍ରବାହ କରୁଥିବା ବେଳେ ଆଉ କେତେକ ସାମାଜିକ, ପାରିପାର୍ଶ୍ୱିକ ଶୈକ୍ଷିକ ଚରିତ୍ର ମଧ୍ୟ ଜୀବନକାଳ ମଧ୍ୟରେ ବ୍ୟବହାର କରିଥାଏ। ନିଜର ସ୍ଥିତି ଜନିତ ବିଭିନ୍ନ ଭାବାବେଗ ମଣିଷର ମନ ମାନସକୁ ଆନ୍ଦୋଳିତ କରି ମସ୍ତିଷ୍କକୁ ଅସ୍ଥିର ପ୍ରବଣ କରିବାରେ ସହଯୋଗ କରିଥାଏ । ମାନସିକ ଅସ୍ଥିରତା ହେତୁ ବିବେକ ଶୂନ୍ୟ ମଣିଷ କେତେବେଳେ ଯେ କେଉଁ ପ୍ରକାର ଭାବଧାରା ସୃଷ୍ଟି କରିବ ତାହାର କୌଣସି ନିର୍ଦ୍ଧିଷ୍ଟ ସୂଚନା ନଥାଏ। ସେହି ମାନସିକ ବିଚଳିତ ପରିସ୍ଥିତି ଅନେକ ସମୟରେ ମଣିଷକୁ ଅସହିଷ୍ଣୁ କରିଦିଏ। ଅସହିଷ୍ଣୁତା ଭାବ ହେତୁ ମଣିଷ ଅନେକ ସମୟରେ ନିଜର କ୍ରୋଧକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ରହିଥାଏ। କ୍ରୋଧ ପ୍ରାୟତଃ ମଣିଷକୁ ବ୍ୟାପକ କ୍ଷତି କରିବା ବ୍ୟତୀତ ଯୁକ୍ତାତ୍ମକ ପ୍ରତିକ୍ରିୟା ଯଥେଷ୍ଟ କମ୍ ଦେଇଥାଏ । ଅସହିଷ୍ଣୁ ଭାବ ମଣିଷକୁ କେମିତି ବ୍ୟଥିତ କରିଥାଏ ବିଚାର କରି ଦେଖିବା.....

ଅନେକ ସମୟରେ ମଣିଷ ନିଜସ୍ୱ ଆର୍ଥିକ ସ୍ୱାର୍ଥ କିମ୍ବା ସାମାଜିକ ସମ୍ମାନ ଜନିତ ବ୍ୟତିକ୍ରମ ଉପରେ ଆଧାରିତ ଅସହିଷ୍ଣୁ ଭାବ ପ୍ରଦର୍ଶନ କରୁଥିବା ଏକ ସାଧାରଣ ଲକ୍ଷଣ ଭାବେ ଦେଖିବାକୁ ମିଳେ। କୌଣସି ସୂତ୍ରରୁ ନିଜକୁ ପ୍ରାପ୍ତି ହେବାକୁ ଥିବା ଧନ ରାଶି କିମ୍ବା ସାମାଜିକ ସମ୍ମାନ ଅପ୍ରାପ୍ତିରେ ମଣିଷ ଅତ୍ୟଧିକ ଅସହିଷ୍ଣୁ ହେଉଥିବା ଏକ ସାଧାରଣ ବିଷୟ। ସାଧାରଣତଃ ଅଜ୍ଞାନତା ମଣିଷକୁ ଏହିଭଳି ଅମାନବୀୟ ଚରିତ୍ର ପ୍ରବାହ କରିବା ପାଇଁ ସାହାଯ୍ୟ କରିଥାଏ। ଶିକ୍ଷିତ ହୋଇଗଲେ ଯେ ମଣିଷ ନିଜକୁ ସବୁ ଦିଗରେ ସଂସ୍କାରିତ କରିପାରିବ ବୋଲି ଭାବିବା ବ୍ୟର୍ଥ। କାରଣ ମାନବିକ ଚରିତ୍ର କେବଳ ଜ୍ଞାନରୁ ଉଦ୍ଧୃତ ଯାହା ପ୍ରାକୃତିକ। ତେଣୁ ଆଜି ସମୟରେ ଅନେକ ଶିକ୍ଷିତ ଏହିଭଳି ଅମାନବୀୟ ଚରିତ୍ର ପ୍ରବାହ କରୁଥିବା ଦେଖିବାକୁ ମିଳିବ ଉପଯୁକ୍ତ ଅନୁସନ୍ଧାନ କଲେ। କାରଣ ଏକ ସାମାଜିକ କୃତ୍ରିମ ବ୍ୟବସ୍ଥା ଶିକ୍ଷାରୁ ଯେ ମଣିଷ ନିଜକୁ ସଂସ୍କୃତ କରିପାରିବ ତାହାର କୌଣସି ନିଶ୍ଚିତ ନିଦର୍ଶନ ନାହିଁ। ବରଂ ଶିକ୍ଷାଗତ ପ୍ରମାଣପତ୍ର ପାଇ କୁସଂସ୍କାରୀ ମଣିଷ ଗୁଡିଏ ସାମାଜିକ ଶୀର୍ଷ କ୍ଷେତ୍ରରେ ଅବସ୍ଥାପିତ ହୋଇ ସମାଜରେ ବ୍ୟାପକ ଅମାନୁଷିକ ଚରିତ୍ର ପ୍ରବାହ କରୁଥିବା କଥା କାହାକୁ ଅଗୋଚର ? ହେଲେ ଏହି ଦୁଇଟି ବିଷୟ ଉପରେ ଆଧାରିତ କିଛି ଉଦାହରଣ ଦିଆଗଲେ , ତାହା ମଣିଷର ସହନଶୀଳତା ଉପରେ କେମିତି ପ୍ରଭାବ ପକାଇଥାଏ ବୁଝି ହେବ।

ଯଦି କେହି ନିଜସ୍ୱ ସମ୍ପତ୍ତି କିମ୍ବା ଅନ୍ୟ କେଉଁ ସୂତ୍ରରୁ ପାଇବାକୁ ଥିବା ଧନ ରାଶିର ହକ୍‌ରୁ ବଂଚିତ ରହିଥାଏ ତାହେଲେ ସେହି ମଣିଷର ମାନସିକ ବିଚ୍ୟୁତି ତଥା ଭାବାବେଗ ଅତ୍ୟନ୍ତ କ୍ଷିପ୍ର ହୋଇଥାଏ। ସେହି ଦ୍ରବ୍ୟ ପ୍ରାପ୍ତି ନହେବା ପର୍ଯ୍ୟନ୍ତ ନିଜକୁ ଅସ୍ଥିର ଭାବାବେଗ ମଧ୍ୟରେ ରଖି ସମୟ ସମୟରେ ଆକ୍ରୋଶ ଭାବ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ। ସମ୍ପୃକ୍ତ ଦ୍ରବ୍ୟ ପ୍ରାପ୍ତି ପରେ ମଧ୍ୟ ସେ ନିଜ ମାନସିକତାକୁ ସ୍ଥିର ରଖିବାରେ ସମର୍ଥ ହୋଇ ନଥାଏ । କାରଣ ପୁନଃ ଅପ୍ରାପ୍ତିର ଆଶଙ୍କା ସମ୍ପୃକ୍ତ ମଣିଷକୁ ସବୁବେଳେ ଘାରୁଥାଏ । ଅତଏବ ଏହି ଦ୍ରବ୍ୟ ପ୍ରାପ୍ତି ମଣିଷର ଲୋଭାସକ୍ତ ଆଚରଣରୁ ଉଦ୍ଧୃତ ଏକ ଜଟିଳ ବ୍ୟବହାର ଯାହା ବର୍ଜନ କରିବା ଆଜି ସମୟରେ ପ୍ରାୟତଃ ଅସମ୍ଭବ ଭଳି ଅନୁଭବ ରହିଛି ସମସ୍ତଙ୍କର । ସେହିଭଳି ଜଣେ ମଣିଷର ସାମାଜିକ ସ୍ତରକୁ ନେଇ ତା'ର ଆତ୍ମ ତୃପ୍ତି ଜନିତ ଆନନ୍ଦ ଅନୁଭବ କରିଥାଏ ସମ୍ପୃକ୍ତ ମଣିଷ । ସେଇଥିରୁ ବ୍ୟତିକ୍ରମ ତଥା ଉପଯୁକ୍ତ ମାନ୍ୟତାର ଅପ୍ରାପ୍ତି ମଣିଷକୁ ଅତ୍ୟଧିକ କ୍ଷୁବ୍ଧ କରିଥାଏ । ଅର୍ଥାତ ଯଦି କେହି ଜଣକୁ ଉପଯୁକ୍ତ ସମ୍ମାନ ଦେବାରେ କୁଣ୍ଠା ପ୍ରକାଶ କରିଥାଏ ତାହେଲେ ସେହିଭଳି କ୍ଷେତ୍ରରେ ସମ୍ପୃକ୍ତ ମଣିଷ ନିଜର ସମ୍ମୁଖସ୍ଥ ମଣିଷଟି ପ୍ରତି କ୍ଷୁବ୍ଧତା ପ୍ରକଟ କରୁଥିବା ଦେଖିବାକୁ ମିଳିବ। ଏହା ମଣିଷର ଅହଂଭାବ ଜନିତ ଏକ ଜଟିଳ ଆଚରଣ ଯାହା ବର୍ଜନ କରିବା ଅସମ୍ଭବ ବୋଲି ଧାରଣା ସୃଷ୍ଟି କରୁଛି ଆମ ମନରେ, ଆଜିର ସାମାଜିକ, ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କଲେ। କେବଳ ଏତିକି ନୁହେଁ ବରଂ ଆହୁରି ଅନେକ କ୍ଷେତ୍ରରେ ମଣିଷ ସ୍ଥଳ ବିଶେଷକୁ ନେଇ କ୍ଷୁବ୍ଧତା ତଥା ଅସହନଶୀଳତା ପ୍ରଦର୍ଶନ କରୁଥିବା ଆଜି ସମୟର ଏକ ସାମାଜିକ ବ୍ୟତିକ୍ରମ ଦେଖିବାକୁ ମିଳିବ ପ୍ରାୟ ୯୯ ମଣିଷଙ୍କ ପାଖରେ। ନିଜସ୍ୱ ବିଚାରଧାରା ଜନିତ ଅସହନଶୀଳତା ଯେତିକି ମନ୍ଦ ତାହାଠାରୁ ଅଧିକ ମାରାତ୍ମକ ଅନ୍ୟାୟକୁ ବିରୁଦ୍ଧ ନକରି ସହନଶୀଳତା ପ୍ରଦର୍ଶନ କରିବା, ଯାହା ଆଜିର ଏକ ସାଙ୍ଘାତିକ ସାମାଜିକ ସମସ୍ୟା ଦେଖିବାକୁ ମିଳୁଛି ଆମ ସମାଜରେ। ଅର୍ଥାତ ଯେତେ ଯାହା ସାମାଜିକ ପରିସ୍ଥିତି ଉପୁଜିଲେ ମଧ୍ୟ ସାଧାରଣ ଲୋକଙ୍କ ନିର୍ବାକ ଦୃଷ୍ଟିଭଙ୍ଗୀ ସମାଜରେ କଳୁଷିତ ବାତାବରଣ ସୃଷ୍ଟି କରୁଛି ଯାହା ସମସ୍ତଙ୍କୁ ଅସହନଶୀଳ ହେବା ଦିଗରେ ପରିଚାଳିତ କରୁଛି । ତେଣୁ ସାମାଜିକ ପରିସ୍ଥିତି ଗୁଡିକୁ ଅନୁଧ୍ୟାନ କରି ଅନୁକରଣ ନକରି ନିଜସ୍ୱ ଅନ୍ତର୍ଜ୍ଞାନ ସୃଷ୍ଟି କରି ସବୁ ବିଷୟରେ ବିଶେଷ ଜ୍ଞାନ ଅର୍ଜନ ପୂର୍ବକ ନିଜ ଜୀବନକୁ ସାତ୍‌ମାର୍ଗରେ ପରିଚାଳିତ କରିବା ସହିତ ସାମାଜିକ ଅଭାବନୀୟତା ଗୁଡିକ ପ୍ରତି ଅସହିଷ୍ଣୁ ଭାବ ପ୍ରଦର୍ଶନ ପୂର୍ବକ ସେଗୁଡିକର ଆସୁ ସମାଧାନ କରାଯିବା ଲକ୍ଷ ରଖିବା ଜଣେ ଉତ୍ତମ ନାଗରିକର ସର୍ବାଦୌ କର୍ତବ୍ୟ।

ଆସକ୍ତି ତଥା ନିଜକୁ ସମାଜରେ ପ୍ରଦର୍ଶନ କରିବା ଭଳି ଚିନ୍ତାଧାରା କେବଳ ଅଜ୍ଞାନ ମଣିଷଙ୍କ ରହିଥାଏ ଯାହା ସେମାନଙ୍କୁ ଅସହନଶୀଳତାର ଚରମ ଶୀର୍ଷରେ ଅବସ୍ଥାପିତ କରିଥାଏ। ଅନ୍ତର୍ଜ୍ଞାନ ମଣିଷକୁ ସନ୍ତୁଳିତ ଅବସ୍ଥାରେ ବିଚାର ରଖିବାରେ ସାହାଯ୍ୟ କରିଥାଏ ଯାହା ଆଜି ସମୟରେ ୧ରୁ କମ୍ ଦେଖିବାକୁ ମିଳିବ ଅନୁସନ୍ଧାନ କଲେ। ମଣିଷକୁ ଏହିଭଳି ବିଚାରଧାରାରେ ସମ୍ମୁଶୀତ କରି ସମାଜରେ କଳୁଷିତ ବାତାବରଣ ସୃଷ୍ଟି କରିବାରେ କେତେକ କେଳେଙ୍କାରୀ ମଣିଷଙ୍କ ହାତ ଯଥେଷ୍ଟ ଅଧିକ। ନିର୍ବୋଧ ସେଗୁଡିକୁ ବୁଝିବାରେ ଅସମର୍ଥ ରହି ସମୟ ସ୍ରୋତରେ ନିଜକୁ ପରିଚାଳିତ କରି ଜୀବନର ପ୍ରତ୍ୟେକ ସମୟରେ ଅସହନଶୀଳ ଆଚରଣ ପ୍ରଦର୍ଶନ ପୂର୍ବକ ନିଜସ୍ୱ ଦୁର୍ଲଭ ଜୀବନକୁ ନଷ୍ଟ କରିବାରେ ପଛଘୁଞ୍ଚା ଦେଉନଥିବା କୌଣସି ଆକାଶ ମାର୍ଗର ଚେତନାରୁ ନୁହେଁ, ବରଂ ଆମ ସମାଜର କେତେକ କଳୁଷିତ ଚିନ୍ତାଧାରା ଯୁକ୍ତ ମଣିଷଙ୍କ ଯାହା ତର୍ଜମା କରି ବିଚାରକୁ ନିଆଯିବା କଥା, ଯାହା କେହି କରୁନାହାନ୍ତି। ତେଣୁ ସମାଜରେ ଅସହିଷ୍ଣୁ ଭାବାପନ୍ନ ମଣିଷଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ହୋଇ ଆଜି ୧୦୦ ପାଖରେ ପହଂଚିଲାଣି। ଏହି ବିଚାରଧାରାକୁ ପରିବର୍ତ୍ତନ କରି ମାନବିକ ଚରିତ୍ର ତଥା ସହନଶୀଳ ଭାବ ପ୍ରବାହ କରିବା କୌଣସି ପରି ରାଇଜର ଅଲୌକିକ ବିଷୟ ନୁହେଁ, ବରଂ ନିଜକୁ ସ୍ଥିତପ୍ରଜ୍ଞ କରି ଅନ୍ୟର ପ୍ରରୋଚନାରୁ ଦୁରେଇ ରଖି ପ୍ରାକୃତିକ ଉପାୟରେ ବଂଚିବା ଶିଖିଲେ ମଣିଷ ସୁଖ, ଶାନ୍ତି ପାଇପାରିବ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି କ'ଣ... ?

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ
ଦୂରଭାଷ.: ୯୪୩୭୩୨୪୯୧୭

# ଜୀବନ ଜିନ୍ଦଲ ବନାମ ଜଗତସିଂହପୁର




ରଶ୍ମିତା ବେହେରା

ଜଗତସିଂହପୁର ମାଟିରେ ଜୀବନ ବନାମ ଜିନ୍ଦଲର ଲଢ଼େଇକୁ ଏବେ ସାରା ରାଜ୍ୟ ଦେଖୁଛି। ଜିନ୍ଦଲକୁ ଜୀବନ୍ୟାସ ଦେବାକୁ ଢ଼ିଙ୍କିଆର ଜୀବନ ଯେମିତି ଆଜି ବାଜିରେ ଲାଗିଛି। ଜଗତସିଂହପୁରର ଜଳଛବିରେ ଜୀବନ, ଜୀବିକା ବନାମ ଜିନ୍ଦଲର ଯୁଦ୍ଧରେ କାହା ସପକ୍ଷରେ ଏ ସରକାର ? ଏଠି କଣ ଗୋଟାଏ ଜାତି ଅପେକ୍ଷା କମ୍ପାନୀ ଏତେ ବଡ ? ଯଦି ଏହାର ଉତ୍ତର ହଁ ହୁଏ, ତେବେ ସରକାର କାହିଁକି ଏ ପର୍ଯ୍ୟନ୍ତ ଜନମଙ୍ଗଳର ନାରା ଦେଉଛନ୍ତି। ରାଇଜସାରା ଆପନ୍ ମାନେ ଖୁସି ତ ନାରା ଦେଉଥିବା ଏ ସରକାର କଣ ଥରୁଟିଏ ପାଇଁ ସେ ଢ଼ିଙ୍କିଆବାସୀଙ୍କୁ ପଚାରିବେନି ଯେ ସେମାନେ ପ୍ରକୃତରେ ଖୁସିକି ନାହିଁ। ଜିନ୍ଦଲକୁ ସ୍ଥାପନ କରିବାକୁ ତତ୍ପର ଏ ରାଜ୍ୟ ସରକାର ଯଦି କମ୍ପାନୀ ସ୍ଥାପନ କରି ରାଜ୍ୟକୁ ସମୃଦ୍ଧ କରିବାକୁ ଚାହୁଁଛନ୍ତି, ତେବେ ଭୁଷୁଡି ପଡିଥିବା ଶିଳ୍ପର ପୁନରୁଦ୍ଧାର ହୁଏତ ଏକ ସୁଚିନ୍ତିତ ପଦକ୍ଷେପ ହିସାବରେ ଗଣାଯାଇ ପାରନ୍ତା ମାତ୍ର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ରାଜ୍ୟ ପାଇଁ ସମର୍ପିତ ଥିବା ସରକାର କଣ କେବେ ଏଭଳି ନିଷ୍ପତ୍ତି ନେଇପାରେ। ମହିଳାଙ୍କୁ ସଶକ୍ତ କରିବାର ନାରା ଦେଉଥିବା ପ୍ରତିନିଧି କିପରି ସେହି ନାରୀ ଉପରକୁ ଫିଙ୍ଗିପାରେ ଅତ୍ୟାଚାରର ଉପହାର। ଯଦି ଢ଼ିଙ୍କିଆରେ ଯାହା ଘଟୁଛି ତାକୁ ସରକାର ଗୁରୁତର ସହ ନେଉନାହାନ୍ତି ତା'ହେଲେ ଏ ଢ଼ିଙ୍କିଆବାସୀ ଆଗାମୀ ଦିନରେଏହାକୁ ନା ପାସୋରିବେ, ନା କ୍ଷମା କରିପାରିବେ। ଢ଼ିଙ୍କିଆରେ ସରକାରର ଭୂମିକାକୁ ତ ସମସ୍ତେ ନୀରବରେ ନୀରିକ୍ଷଣ କରୁଛନ୍ତି। ଆଉ ଏ ପୁଲିସ୍ ! ଏହା କେବଳ ଏକ ଶବ୍ଦ ନୁହେଁ, ବରଂ ଏକ ନ୍ୟାୟିକ ଅନୁଭବ। ସୁରକ୍ଷାର ଶ୍ରୀମନ୍ଦିର ଗଢ଼ିବା କ୍ଷେତ୍ରରେ ଏମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅସ୍ୱାସ୍ଥ୍ୟକର ପରିବେଶକୁ ଲାଠିରେ ଆଡେଇ ଏମାନେ ଆଣିପାରନ୍ତି ନ୍ୟାୟିକ ଶାନ୍ତି, ଆଇନର ଛାଟରେ ଛଡେଇ ପାରନ୍ତି ଅମାନିଆଙ୍କ ଛଟକ, ଦଣ୍ଡର ସଂଳାପରେ ସମାପ୍ତ କରିପାରନ୍ତି ଗୁଣ୍ଡାଗର୍ଦ୍ଦିର ନାଟକ, ଖାକୀବର୍ଦ୍ଦିର ବାଧକରେ ବନ୍ଦ କରିପାରନ୍ତି ଅପରାଧର ଫାଟକ, ସମାଜରୁ ହଟେଇ ପାରନ୍ତି ଅନୀତିର କଳଙ୍କ। ସେଇଥିପାଇଁ ତ ନ୍ୟାୟର ରକ୍ଷାକର୍ତ୍ତା ଭାବି ଏ ସମାଜ ତାଙ୍କୁ ସମ୍ମାନ ଦିଏ। ମାତ୍ର ଅନେକ ସମୟରେ ଏଭଳି କିଛି ଘଟଣା ଆମ ସାମ୍ନାକୁ ଆସେ ଯାହା ଆମକୁ ଦୋଛକିରେ ପକାଏ, ଆମ ଭାବନାରେ ବିଚ୍ୟୁତି ଘଟେ ଏବଂ ଗୁଡାଏ ପ୍ରଶ୍ନ ମନକୁ ଆପେ ଆପେ ଆନ୍ଦୋଳିତ କରେ। ସାମ୍ନାରେ ଥିବା ଗଦାଗଦା ବିପତ୍ତି, କର୍ତ୍ତବ୍ୟରେ ବିଚ୍ୟୁତି, ଆତ୍ମାର ବିକୃତି, ସେମାନଙ୍କର ରାଜନୈତିକ ସମ୍ପୃକ୍ତି ଆଦିକୁ ହୃଦବୋଧ କଲେ ମନକୁ ପ୍ରଶ୍ନ ଆସେ ସତରେ କଣ ଏ ଖାକୀବର୍ଦ୍ଦିଧାରି ସମସ୍ତ ବ୍ୟକ୍ତି ଏସବୁ ସମ୍ମାନର ହକଦାର୍ ? ସତରେ କଣ ନ୍ୟାୟର ମନ୍ତ୍ର ଶିଖାଉଥିବା ଏ ସରକାରୀ ଅଧିକାରୀମାନେ ନିଜେ ନ୍ୟାୟଜଳରେ ଅଭିମନ୍ତ୍ରୀତ ? ପ୍ରକୃତରେ ଏମାନେ ସମସ୍ତେ କର୍ତ୍ତବ୍ୟପ୍ରେମୀ ? ବାସ୍ତବରେ କଣ ପବିତ୍ର ମାଟିର ରଙ୍ଗ ଧାରଣ କରିଥିବା ସମସ୍ତ ଖାକୀବର୍ଦ୍ଦୀଧାରୀ ମାନଙ୍କର ଅନ୍ତଃକରଣ ଶୁଦ୍ଧ ଓ ନ୍ୟାୟଦୀପ୍ତ ? ଏ ପ୍ରଶ୍ନରେ ହୁଏତ ଏକ ମିଶ୍ରିତ ଉତ୍ତର ଆସିପାରେ, ଆସିବାଟା ମଧ୍ୟ ସ୍ୱାଭାବିକ। କଥାଟା ଅଗ୍ରାହ୍ୟ ଲାଗିଲେ ମଧ୍ୟ ସତ୍ୟ। ନଜର ଆଗରେ ରହିଥିବା କେତେକ ନଜୀର୍ କର୍ତ୍ତବ୍ୟ ବିମୁଖତାର ପ୍ରମାଣ ଦେଇଛି। ଯାହାକୁ ଭିତ୍ତିକରି ବର୍ଦ୍ଦି ବିବାଦୀୟ ହୋଇଛି। ଢ଼ିଙ୍କିଆରେ ପୁଲିସର୍ ବର୍ବରକାଣ୍ଡ ଅତୀତରେ ଜେନେରାଲ୍ ଡାୟାର୍ ପ୍ରଣୋଦିତ ଗୁଳିକାଣ୍ଡକୁ ସ୍ମରଣ କରାଇ ଦେଇଛି କହିଲେ ଅତ୍ୟୁକ୍ତ ହେବନାହିଁ। ଜନସାଧାରଣଙ୍କ ଉପରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବର୍ଦ୍ଦିର ବଦନାମୀକୁ ନିମନ୍ତ୍ରଣ କରିଛି। କିଛି ଦିନ ଧରି ଢ଼ିଙ୍କିଆରେ ଘଟୁଥିବା ଅମାନୁଷିକ ଅତ୍ୟାଚାରର ଅଧ୍ୟାୟକୁ ଆମେ ସମସ୍ତେ ଅନୁଧ୍ୟାନ କରୁଛେ। ମାଟି ପାଇଁ ଲଢ଼େଇ କଲାବେଳେ ମାଟିରେ ଲୋଟିପଡୁଥିବା ସେ ମାଟିର ମଣିଷ ଗୁଡାଙ୍କୁ ଦେଖିଲେ କାହିଁକି କେଜାଣି ଏ ମାଟିଆ ପୋଷାକଧାରୀ ସରକାରୀ ବାବୁଗୁଡାଙ୍କ ଉପରେ ଘୃଣାଜାତ ହେଉଛି। ମାଟିର ଜୟଗାନ ପାଇଁ, ମାଟି ମାଆର ସୁରକ୍ଷା ପାଇଁ ତାରି ରଙ୍ଗରେ ତିଆରି ବର୍ଦ୍ଦି ଗୁଡିକରେ ଆଜି ବଦନାମର ଛିଟା। ଏଠି ମାଟି ଅପେକ୍ଷା ସେମାନେ ପାର୍ଟିକୁ ବୁଝନ୍ତି, ଜନତା ଅପେକ୍ଷା ନେତାକୁ ଅଧିକ ସୁରକ୍ଷା ଦିଅନ୍ତି। ସେଇଥିପାଇଁ ବୋଧହୁଏ ଜେଡ୍‌ପ୍ଲସ୍ ସିକ୍ୟୁରିଟିରେ ନେତାଙ୍କୁ ସୁରକ୍ଷା ଦେଉଥିବା ଏ ପୁଲିସ୍ ଗୁଡାକ ସାଧାରଣ ଲୋକ ଗୁଡାଙ୍କୁ ଲହୁ ଲୁହାଣକରି ସରକାରୀ ନିଷ୍ପତ୍ତିର ଅନୁପାଳନ କରି ନିଜ କର୍ତ୍ତବ୍ୟର କୀର୍ତ୍ତିସ୍ତମ୍ଭ ଆଙ୍କନ୍ତି। ଢ଼ିଙ୍କିଆ ଘଟଣାକୁ ଅନୁଧ୍ୟାନ କଲେ କାହିଁକି କେଜାଣି ଏମିତି ଲାଗୁଛି ଯେ ଏ ପ୍ରକାର ଦେଶୀ ଅତ୍ୟାଚାରୀ ଶାସନଠାରୁ ସେ ସମୟର ବିଦେଶୀ ଶାସନ ବୋଧହୁଏ ଅପେକ୍ଷାକୃତ ଭାବେ ଭଲ। କାରଣ ସେଥିରେ ଯନ୍ତ୍ରଣା ତ ଥିଲା କିନ୍ତୁ ନିଜ ମାଟିର ପୁଅ ଉପରକୁ ଆଙ୍ଗୁଳି ଉଠୁନଥିଲା। ରାଜତନ୍ତ୍ର ବ୍ୟବସ୍ଥାରେ ମଧ୍ୟ ରାଜାର ଅତ୍ୟାଚାର ଚାଲୁଥିଲା। ଏବେ ଗଣତନ୍ତ୍ରରେ ମଧ୍ୟ ସମାନ ପରିସ୍ଥିତି। ହକ୍ ପାଇଁ ଲଢ଼ିଲେ, ଆଉ ମାଟିରେ ଗଡିଲେ। ପୁଣି ଗଡେଇଲା ବାଲାଟା ଯେ ଏ ମାଟିର ଯାଠାରୁ ଅନୁଶୋଚନାର କଥା ବା ଆଉ କଣ ହୋଇପାରେ। ଗୋଟାଏ ଘରୋଇ କମ୍ପାନୀକୁ ସୁଦୃଢ଼ କରିବା ପାଇଁ କାହିଁକି ଯେ ଏ ସରକାର୍, ଏ ଆଇନ୍, ଏ ପ୍ରଶାସନ ଏତେ ତତ୍ପର ତାହା ବୁଝାପଡୁନି। ଶୃଙ୍ଖଳାର ଶ୍ରୀମନ୍ଦିର ଗଢ଼ିବା ଉଦ୍ଦେଶ୍ୟରେ ନିଯୁକ୍ତି ପାଉଥିବା ସୁରକ୍ଷାକର୍ମୀଙ୍କ ପାଖରେ ବୋଧହୁଏ ସାଧାରଣ ଜନତା ଆଜି ବେଶି ଅସୁରକ୍ଷିତ। ଯେଉଁ ଗଣତନ୍ତ୍ରରେ ବିରୋଧ ପ୍ରଦର୍ଶନ ପାଇଁ ସ୍ୱୀକୃତି ରହିଛି ସେହି ବ୍ୟବସ୍ଥାରେ ଆଜି ବିରୋଧକାରୀଙ୍କ ଦମନ ପାଇଁ ପୁଲିସକୁ ଗୁଣ୍ଡା ଭାବରେ ବ୍ୟବହାର କରିବାକୁ ସରକାରୀ ସ୍ୱୀକୃତି ଦେବା ଅତ୍ୟନ୍ତ ନୀନ୍ଦନୀୟ। ଏ ଘଟଣାକୁ ଅନୁଧ୍ୟାନ କଲେ ସେ ସମୟର ଜେନେରାଲ୍ ଡାୟାରଙ୍କ ମୁହଁ ଆଖି ଆଗରେ ଯେ ଝଲସି ଉଠୁଛି ତାହା ନୁହେଁ ବରଂ ଏ କଥା ବି ବୟାନ୍ କରୁଛି ଯେ ସେ ଆଜିବି ଜୀବିତ, ସେ ପ୍ରକାରର ବର୍ବରତା, ନୃଶଂସତାର ନବୀକରଣ ଢ଼ିଙ୍କିଆରେ ସ୍ପଷ୍ଟ ଅନୁମେୟ। କେବଳ ଫରକ୍ ଏତିକି ସେ ସମୟରେ ସେ ଜେନେରାଲ୍ ଡାୟାର ପ୍ରତକ୍ଷ ଭାବେ ଗୁଳି ଚାଳନାର ନିର୍ଦ୍ଦେଶ ଦେଇ ସାମ୍ନାକୁ ଆସିଥିଲା ବେଳେ ଏବେକାର ଜେନେରାଲ୍ ଡାୟାର ପ୍ରଚ୍ଛଦପଟରେ ରହି ଗୋଟି ଚାଳନା କରୁଛି। ଆଇନର ଆଇନାରେ ଢ଼ିଙ୍କିଆ ମାଟିରେ ଅତ୍ୟାଚାରର ଜଳକା ଛବି ବର୍ବରତାର ଶ୍ରେଷ୍ଠ ପ୍ରତିବିମ୍ବ ପାଲଟିଛି। ଆମ ଆଇନର କୌଣସି ଫର୍ଦ୍ଦରେ ଗୋଟାଏ ନାରୀକୁ ପୁରୁଷ ପୋଲିସ୍ ମାରିବାର ଅନୁମତି ଦେଇନଥିଲା ବେଳେ ଢ଼ିଙ୍କିଆର କିଛି ଫଟୋ ଏହାର ବୀପରିତ ଚିତ୍ର ବୟାନ୍ କରୁଛି। ଗୋଟାଏ ଝିଅ ତା' ବାପାଙ୍କୁ ଛାଡିଦେବାକୁ ନେହୁରା ହେଉଥିଲା ବେଳେ ୪ଜଣ ପୁଲିସ୍ କର୍ମଚାରୀ ତାକୁ ଯେଉଁଭଳି ଭାବରେ ଆକ୍ରମଣ କରିବାର ଚିତ୍ର ସାମ୍ନାକୁ ଆସିଛି ତାହା ଓଡିଶା ପୁଲିସର ଅମାନବିକ ଆଚରଣର ଶ୍ରେଷ୍ଠ ପ୍ରମାଣ। ସେ ଚିତ୍ର ବୟାନ୍ କରୁଛି ଖାକୀବର୍ଦ୍ଦିର ସେ ବଦନାମ ଦରଜୀର କଥା ଯିଏ ଦିନେ ଏହି ସାଧାରଣ ଖଟିଖିଆଙ୍କ ସୁରକ୍ଷା ଓ ସ୍ୱାର୍ଥ ଉଦ୍ଦେଶ୍ୟରେ ମାଟି ମା'ର ରଙ୍ଗକୁ ଉପଯୁକ୍ତ ମନେକରି ଏ ପ୍ରକାରର ଅମାନବିକ ସରକାରୀ ଜନ୍ତୁଗୁଡାଙ୍କୁ ଉପଯୁକ୍ତ ମନେକରି ଏ ବର୍ଦ୍ଦୀ ପିନ୍ଧେଇଥିଲା। ଯେଉଁଥିରେ କୀର୍ତ୍ତି ବଦଳରେ କାହା ଲୁହର ଝରଣା ଆଉ କାହା କୋହରେ ମୁର୍ଚ୍ଛନାରେ ଆଙ୍କି ହେଇଯାଇଛି କଳଙ୍କର ସ୍ପଷ୍ଟ ରେଖା। ସବୁ ପରେ ମଧ୍ୟ ଏ ସତ୍ୟ ସର୍ବଜନ ବିଦିତ ଯେ ଆଜିର ଗଣତନ୍ତ୍ରରେ ତୋଷାମଦର ଅନ୍ତ ଘଟିନାହିଁ। ନିଜର ସ୍ୱାର୍ଥ ସାଧନ କରିବା ପାଇଁ ଖୋସାମତିର ପ୍ରଚଣ୍ଡ ପ୍ରତିଯୋଗୀତାରେ ଅନ୍ତତଃ ଏ ଓଡିଆ ଜାତି ଭାଗ ନ ନେଉ। ଦେଶର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀର ମାନ୍ୟତା ପାଇଥିବା ରାଜ୍ୟ ମୁଖିଆ ନିଜ ମୁର୍ଖାମୀରେ ଲଗାମ୍ ଦେଇ ଏ ପ୍ରସଙ୍ଗ ଉପରେ ବୁଦ୍ଧିମାନ ବିବେଚନା କରି ସୁଚିନ୍ତିତ ପଦକ୍ଷେପ ନିଅନ୍ତୁ। ଆପନ୍ ମାନେ ଖୁସି ତ କହି ମିଡିଆ ସେନ୍ସେସନ୍ ସାଜିଥିବା ନବୀନ ଯେମିତି ଭୁଲି ନ ଯାଆନ୍ତୁ ଯେ ଢ଼ିଙ୍କିଆବାସୀ ଖୁସି ନାହାନ୍ତି। ଏହା କୌଣସି ପାର୍ଟିର ଲଢ଼େଇ ନୁହେଁ ବରଂ ଏ ଲଢ଼େଇ ଗୋଟାଏ ମାଟିର ଲଢ଼େଇ। ପ୍ରକୃତରେ ଯଦି ସରକାର ରାଜ୍ୟର ବିକାଶ ଚାହାନ୍ତି ତ ପ୍ରଥମେ ବନ୍ଦ ହୋଇ ପଡିଥିବା ଓଡିଶାର ଶିଳ୍ପକୁ କାର୍ଯ୍ୟକ୍ଷମ କରନ୍ତୁ। ଏହା ନିର୍ବାଚନ ନୁହେଁ, ଜୀବନର କଥା। ଯେକୌଣସି ପ୍ରକ୍ରିୟାରେ ଆନ୍ଦୋଳନକାରୀଙ୍କୁ ଦମନ କରିବା ପରିବର୍ତ୍ତେ ସରକାର ସେମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରନ୍ତୁ। ଉଭୟ ପାକ୍ଷିକ ଆଲୋଚନା ମାଧ୍ୟମରେ ହୁଏତ ସମାଧାନର ପନ୍ଥା ସାମ୍ନାକୁ ଆସିପାରେ। ଶୃଙ୍ଖଳାର ସାରଥୀଙ୍କୁ ବିଶୃଙ୍ଖଳାର ସୃଷ୍ଟିକର୍ତ୍ତାରେ ପରିଣତ କରାଗଲେ ପରିଣତି ଯେ ଭୟଙ୍କର ହେବ ଏକଥା ଯେମିତି କେହି ଭୁଲି ନ ଯାଆନ୍ତି। ଯିଏ ମାଟି ପାଇଁ ଲଢ଼ିଜାଣେ ସିଏ ମାଟିରେ ସବୁ ଅମାନବିକତାକୁ ସମାଧି ବି ଦେଇପାରେ। ଓଡିଶା ପୁଲିସଙ୍କୁ ମଧ୍ୟ ଅନୁରୋଧ ଯେ ନ୍ୟାୟିକ ପ୍ରକ୍ରିୟା ଆଳରେ ମାନବିକତାକୁ ବିସ୍ମୃତ କରନ୍ତୁ ନାହିଁ, ସକ୍ରିୟତା ଦୌଡରେ ଆପଣମାନେ ଯେ କେତେ ଆଗରେ ତାହା ସମସ୍ତଙ୍କୁ ଜଣା। ନାଲିଆଖି ଦେଖେଇବାର ଅଛି ତ ଅପରାଧୀଙ୍କୁ ଦେଖାନ୍ତୁ। ଆପଣମାନଙ୍କର ଲାଠି ଗୁଣ୍ଡାଗର୍ଦ୍ଦୀ ଅଟକାଉ କାହାର ହକକୁ ନୁହେଁ। ବର୍ଦ୍ଦୀର ଆବରଣରୁ ଅମାନବିକତାର ଯେଉଁ ଉତ୍କଟ ଗନ୍ଧ ନିର୍ଗତ ହଉଛି ତାହା ଆମ ନ୍ୟାୟିକ ବ୍ୟବସ୍ଥାକୁ ଦୁଷିତ ନକରୁ। ବର୍ଦ୍ଦିରୁ ବଦନାମର ଗନ୍ଧ ନ ଆସୁ।

ସାମ୍ବାଦିକା, ଢେଙ୍କାନାଳ
ଦୂରଭାଷ : ୭୩୨୫୯୬୦୨୭୮

# ମହାତ୍ମା ଓ ମହାତାପସ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ – କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ – ଆଉ ତାର କଣ ଏହି ପ୍ରତିଦାନ ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ – ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ – ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ୍ୟ ଖୁବ୍ ଶକ୍ତ ଥିଲା। ରସୁଲ୍‌ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ – ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା – "ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ"।

ସହ-ପ୍ରତିରକ୍ଷିକ ଓ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ
ଦୂରଭାଷ : ୯୪୩୭୦୫୧୯୫୭

# ସରିଲାନି ପଞ୍ଚାୟତ ଗୃହ ନିର୍ମାଣ



**ଭଦ୍ରକ :** ୨୦୧୬ ମସିହାରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ୩ଗୋଟି ନୂତନ ଗ୍ରାମପଂଚାୟତ ଗଠନ ଘୋଷଣା କରାଯାଇଥିଲା । ପୁରୁଷଣ୍ଡ ପଂଚାୟତକୁ ଭାଗକରାଯାଇ ବଡ଼ ହାଟତ୍ରିଲୋଚନପୁର (ବି.ଟି.ପୁର)ପଂଚାୟତ, କାଦବରାଙ୍ଗ ପଂଚାୟତକୁ ଭାଗକରାଯାଇ ବଡ଼ବର୍ଚ୍ଛିକୟାଁ ପଂଚାୟତ ଓ ଅଣିଜୋ ପଂଚାୟତକୁ ଭାଗକରାଯାଇ ଚାରିଗାଁ(ଚକ୍ରାପାଢୀ)ପଂଚାୟତ । ନୂତନ ପଂଚାୟତ ଗଠନ ହେବାର ଇତି ମଧ୍ୟରେ ୫ବର୍ଷ ବିତିବା ସହ ସରପଂଚଙ୍କ ପ୍ରଥମ ପାଳି ସରି ଆଉ ଏକ ପଂଚାୟତ ନିର୍ବାଚନ ହେବାକୁ ବସିଥିଲେ ସୁଦ୍ଧା ପଂଚାୟତଗୁଡ଼ିକର ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇନପାରିବା ବଡ଼ ପରିତାପର ବିଷୟ ପାଲୋଟିଛି । ବଡ଼ହାଟତ୍ରିଲୋଚନପୁର (ବି.ଟି.ପୁର) ପଂଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିମନ୍ତେ ଜମି ଅଧିଗ୍ରହଣ କରାଯିବା ପରେ ୩୩ ଲକ୍ଷ ୭୦ ହଜାର ଟଙ୍କା ମଂଜୁର ହୋଇଥିଲା । ୨୦୧୮ ମସିହା ଜାନୁୟାରୀ ୬ ତାରିଖରେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ମିଳିବା ସହିତ ୯୦ ଦିନ ମଧ୍ୟରେ ଏହି କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଉଲ୍ଲେଖ ରହିଥିଲା । ଅବଧି ସରିବା ପରେ ସୁଦ୍ଧା ରାଜନୈତିକ ଆକ୍ରୋଶ ଯୋଗୁଁ ଆଜି ପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ଗୃହ ନିର୍ମାଁଣ ହୋଇପାରିଲା ନାହିଁ । ସେହିପରି ବଡ଼ବର୍ଚ୍ଛିକୟାଁ ପଂଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିମନ୍ତେ ଜମି ଅଧିଗ୍ରହଣ କରାଯିବା ପରେ ୨୦୧୭-୧୮ ଆର୍ଥିକ ବର୍ଷରେ ଏଥି ନିମନ୍ତେ ୩୩ଲକ୍ଷ ୭୦ହଜାର ଟଙ୍କା ମଂଜୁର ହୋଇଥିଲା । କିନ୍ତୁ ବିଦ୍ୟାଳୟ ନିମନ୍ତେ ସଂରକ୍ଷିତ ସ୍ଥାନରେ ପଂଚାୟତ ଗୃହ ନିର୍ମାଣ ହୋଇଥିବାରୁ ବହୁ ବାଦାନୁବାଦ ଭିତରେ ଉକ୍ତ ଗୃହ ନିର୍ମାଣ ସରିଥିଲେ ସୁଦ୍ଧା ସରକାରୀ ସ୍ତରୀୟ ଘୋଷଣା କରାଯାଇନାହିଁ । ଚାରିଗାଁ (ଚକ୍ରାପାଢୀ) ପଂଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିମନ୍ତେ ଜମି ଅଧିଗ୍ରହଣକୁ ନେଇ ସରକାର ଓ ଗ୍ରାମବାସୀଙ୍କ ମଧ୍ୟରେ ବାଦବିବାଦ ଲାଗିରହିଥିଲା । ପରେ ଏହାର ସ୍ଥାୟୀ ସମାଧାନ କରାଯାଇ ଗତ ମାର୍ଚ୍ଚ ମାସ ୧୦ତାରିଖରେ ନୂତନ ଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ ହୋଇଥିଲା । ଏହା ବର୍ତ୍ତମାନ ଅଧପନ୍ତରିଆ ଅବସ୍ଥାରେ ଥିବାରୁ ଚକ୍ରାପାଢୀ ପ୍ରାଥମିକ ବିଦ୍ୟାଳୟର ଏକ ପ୍ରକୋଷ୍ଠରେ ଅସ୍ଥାୟୀ ଭାବେ ପଂଚାୟତ କାର୍ଯ୍ୟାଳୟ ଚାଲୁରହିଛି । ପୂର୍ବରୁ ନିର୍ବାଚିତ ସରପଂଚମାନଙ୍କ କାର୍ଯ୍ୟକାଳ ସରିବା ସହ ଆଉ ଏକ ପଂଚାୟତ ନିର୍ବାଚନ ହେବାକୁ ବସିଥିଲେ ସୁଦ୍ଧା ନିଜସ୍ୱ କାର୍ଯ୍ୟାଳୟରେ ବସି ସେମାନେ ଗତ ୫ବର୍ଷ ପଂଚାୟତ କାର୍ଯ୍ୟ କରିନପାରିବା ବଡ଼ ଦୁଃଖ ଓ ଅନୁତାପର ବିଷୟ ହୋଇଥିବାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଗୃହ ସଂପୂର୍ଣ୍ଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ୧ ରୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସାଧାରଣ ଭକ୍ତ

**ପୁରୀ :** ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀମନ୍ଦିର । ଫେବୃଆରୀ ୧ ତାରିଖରୁ କୋଭିଡ୍ ଗାଇଡ୍‌ଲାଇନ୍‌ରେ ଖୋଲିବ ଶ୍ରୀମନ୍ଦିର । ଭକ୍ତମାନେ ଶୃଙ୍ଖଳିତ ଭାବେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ । ଆଜି ବସିଥିବା ଛତିଶା ନିଯୋଗ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି । ବୈଠକ ପରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା । ଗତ ଶୁକ୍ରବାର ବସିଥିଲା ଛତିଶା ନିଯୋଗ ବୈଠକ । ଏଥିରେ ଶ୍ରୀମନ୍ଦିରର ସବୁ ସେବାୟତ ଓ ଜିଲ୍ଲାପ୍ରଶାସନର ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ଶ୍ରୀମନ୍ଦିର ଖୋଲିବା ଉପରେ ଆଲୋଚନା ହୋଇଥିଲା । ସମସ୍ତେ ମନ୍ଦିର ଖୋଲିବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକ ପରେ ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ଫେବୃଆରୀ ୧ ତାରିଖରୁ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିବ ଶ୍ରୀମନ୍ଦିର । ପୂର୍ବପରି ପ୍ରତି ରବିବାର ବନ୍ଦ ରହିବ ଶ୍ରୀମନ୍ଦିର । ସେହି ଦିନ ମନ୍ଦିର ସାନିଟାଇଜ୍ କରାଯିବ । ମନ୍ଦିର ଖୋଲିବା ଓ ବନ୍ଦ ନେଇ ଏସ୍‌ଓପି ଆସିବ । ପୂର୍ବପରି ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପୁରୀ ସହରବାସୀ ପ୍ରବେଶ କରିବେ । ଅନ୍ୟ ଶ୍ରଦ୍ଧାଳୁମାନେ ପୂର୍ବ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିବାରୁ ଶ୍ରୀମନ୍ଦିରକୁ ବନ୍ଦ କରିଦିଆଯାଇଥିଲା । ସାଧାରଣ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରିନଥିଲେ । ଏବେ କୋଭିଡ୍ ଆକ୍ରାନ୍ତ କମିବା ପରେ ପୁରୀ ଜିଲ୍ଲା ପ୍ରଶାସନ ଶ୍ରୀମନ୍ଦିର ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସେପଟେ ଶ୍ରୀମନ୍ଦିର ଭିତରେ ପ୍ରବେଶ ପାଇଁ ପ୍ରସ୍ତୁତ ହୋଇଥିବା ଗାଇଡ୍‌ଲାଇନ୍ ଦୁଇ ଦିନ ଭିତରେ ଜଣାଇଦିଆଯିବ ।

# ଓଜେୟୁ କଳାହାଣ୍ଡି ଶାଖାର କର୍ମକର୍ତ୍ତା ଚୟନ



**ଭବାନୀପାଟଣା :** ଭବାନୀପାଟଣା ସ୍ଥିତ ନିୟୁ ଷ୍ଟାର ସିନେପ୍ଲେକ୍ସ ପରିସରରେ ଓଜେୟୁ କଳାହାଣ୍ଡି ଶାଖାର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ନିରୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ସଂଘର ବିଭିନ୍ନ ସମସ୍ୟା ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ଓଜେୟୁ କଳାହାଣ୍ଡି ଶାଖା ସଭାପତି ଭାବେ ନିରୋଜ କୁମାର ପଟ୍ଟନାୟକ, ଉପସଭାପତି ଭାବେ ତୁମ୍ଭେଶ୍ୱର ସାହୁ, ସାଧାରଣ ସମ୍ପାଦକ ଭାବେ ଲକ୍ଷ୍ମଣ ସ୍ୱାଇଁ, ସହ ସମ୍ପାଦକ ଭାବେ ସନ୍ତୋଷ କୁମାର ସିଂ, ବରୋଦା ପ୍ରସନ୍ନ ନାୟକ, ସଞ୍ଜିବ ଦାସ୍, ପ୍ରଦୀପ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ଅଭିରାମ ପ୍ରସାଦ ପଟ୍ଟନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସାମ୍ବାଦିକ ମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ବୀମା, ପେନସନ ଆଦି ବିବିଧ ସମସ୍ୟାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶର ସବୁଠାର ...

ଏଆଇଏଡିଏମକେର ୨୪୬.୯୦ କୋଟି, ଡିଏମକେର ୧୬୨.୪୨୫ କୋଟି, ଶିବସେନାର ୧୪୮.୪୬ କୋଟି ଓ ବିଜେଡିର ୧୧୮.୪୨୫ କୋଟି ଟଙ୍କା ରହିଛି । ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଞ୍ଚଳିକ ଦଳଗୁଡ଼ିକ ମୋଟ ସମ୍ପତ୍ତି ମଧ୍ୟରୁ ଫିକ୍ସଡ ଡିପୋଜିଟ/ଏଫଡିଆର୍ ଭାଗ ୭୬.୯୯% ବା ୧୬୩୯.୫୧ କୋଟି । ଏହି ବର୍ଗରେ ବିଜେପି ୩,୨୫୩.୦୦ କୋଟି, ବିଏସପି ୬୧୮.୮୬ କୋଟି ଓ କଂଗ୍ରେସ ପାଖରେ ୨୪୦.୯୦ କୋଟି ଟଙ୍କାର ସମ୍ପତ୍ତି ରହିଛି । ଜାତୀୟ ଦଳଗୁଡ଼ିକ ୨୦୧୯-୨୦ରେ ସେମାନଙ୍କ ଆର୍ଥିକ ବୋଝର ପରିମାଣ ୭୪.୨୭ କୋଟି ଟଙ୍କା ବୋଲି ଘୋଷଣା କରିଛନ୍ତି । ଜାତୀୟ ଦଳଗୁଡ଼ିକର ଋଣର ପରିମାଣ ୪.୨୬ କୋଟି ଥିବା ବେଳେ ଅନ୍ୟ ଆର୍ଥିବ ବୋଝର ପରିମାଣ ୭୦.୧ କୋଟି । କଂଗ୍ରେସ ସବୁଠାରୁ ଅଧିକ ଆର୍ଥିକ ବୋଝରେ ଥିବା ଘୋଷଣା କରିଛି । ଦଳର ଆର୍ଥିକ ବୋଝର ପରିମାଣ ୪୯.୫୫ କୋଟି ଟଙ୍କା ରହିଛି । ୧୧.୩୨ କୋଟି ଟଙ୍କା ସହ ମମତା ବାନାର୍ଜୀଙ୍କ ଟିଏମସି ଦ୍ୱିତୀୟ ସ୍ଥାନରେ ରହିଛି । ଆଞ୍ଚଳିକ ଦଳଗୁଡ଼ିକର ମୋଟ ଆର୍ଥିକ ବୋଝର ପରିମାଣ ୨୦୧୯-୨୦ରେ ୬୦.୬୬ କୋଟି ଟଙ୍କା । ସେମାନଙ୍କ ଋଣ ବୋଝର ପରିମାଣ ୩୦.୨୯ ଟଙ୍କା ଓ ଅନ୍ୟ ଆର୍ଥିକ ବୋଝର ପରିମାଣ ୩୦.୩୭ କୋଟି ଟଙ୍କା । ଟିଡିପି ଉପରେ ସର୍ବାଧିକ ଆର୍ଥିକ ବୋଝ ୩୦.୩୪୨ କୋଟି ଟଙ୍କା ରହିଥିବା ବେଳେ ଏହା ପଛକୁ ଥିବା ଡିଏମକେର ଆର୍ଥିକ ବୋଝର ପରିମାଣ ୮.୦୫ କୋଟି ଟଙ୍କା ।

### ୧୨୯କୋଟିର ...

୨୪୬.୯୦ କୋଟି ଟଙ୍କା ଫିକ୍ସଡ୍ ଡିପୋଜିଟ୍ ଥାଇ 'ଏଆଇଏଡିଏମ୍‌କେ' ତୃତୀୟ ସ୍ଥାନରେ ରହିଛନ୍ତି । ସୂଚନାଯୋଗ୍ୟ, ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳମାନେ ଘୋଷଣା କରିଥିବା ସମ୍ପତ୍ତି ତାଲିକାକୁ ଭିତ୍ତି କରି 'ଏଡିଆର' ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଏହି ରିପୋର୍ଟ ଅନୁସାରେ, ବିଜେଡିର କେବଳ ବ୍ୟାଙ୍କ୍‌ରେ 'ଫିକ୍ସଡ୍ ଡିପୋଜିଟ୍ ୧୧୮.୪୨୫ କୋଟି ଟଙ୍କା, 'ଫିକ୍ସଡ୍ ଆସେଟ୍‌ସ (ସମ୍ପତ୍ତି)' ୧.୪୭୨ କୋଟି ଟଙ୍କା, ଅନ୍ୟାନ୍ୟ ଆସେଟସ୍ ୬.୨୨୩ କୋଟି ଟଙ୍କା, ଲୋନ୍ ଏବଂ ଅଗ୍ରୀମ ୨.୬୨୩୫ କୋଟି ଟଙ୍କା ଏବଂ 'ଟିଡିଏସ୍' ଓ 'ଟିସିଏସ୍' ୦.୦୦୮୫ କୋଟି ଟଙ୍କା । ଏସବୁକୁ ଏକତ୍ର କଲେ ବିଜେଡିର ସମୁଦାୟ ସମ୍ପତ୍ତିର ମୂଲ୍ୟ ହେଉଛି ୧୨୮.୭୫୨ କୋଟି ଟଙ୍କା ।

### ହୋଇପାରେ ...

ଏହା ସାର୍ସ-କୋଭ-୨ ଭଳି ମଣିଷଙ୍କ ଶରୀରରେ ପ୍ରବେଶ କରି ସଂକ୍ରମିତ କରିଥାଏ । ଦକ୍ଷିଣ ଆଫ୍ରିକାରେ ରହୁଥିବା ବାଦୁଡ଼ି ମାନଙ୍କ ଶରୀରରୁ ଏହି ଭାଇରସ ଠାବ ହୋଇଛି । ଏହି ଭାଇରସ କେବଳ ବାଦୁଡ଼ିମାନଙ୍କ ଶରୀରରେ ବ୍ୟାପୁଛି ବୋଲି ଚାଇନିଜ ଏକାଡେମୀ ଅଫ ସାଇନ୍ସ ଓ ଉହାନ ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି । ସେମାନଙ୍କ କହିବା କଥା, ଏଯାଏ ନିଓକୋଭ ମଣିଷଙ୍କୁ ଶରୀରରୁ ଠାବ ହୋଇନି । କିନ୍ତୁ ଏହା ମ୍ୟୁଟେସନ ହେବା ପରେ କି ପ୍ରକାରର ରୂପ ଧାରଣ କରିବ, ତା'ହା ଏବେଠୁ କହିବା ମୁସ୍କିଲ । ନିଓକୋଭ ଓ ଏହାର ଘନିଷ୍ଠ ପିଡିଏଫ୍-୨୧୮୦-କୋଭ ମଣିଷମାନଙ୍କୁ ସଂକ୍ରମିତ କରିପାରେ । ନିଓକୋଭ ଲୋକଙ୍କ ମୃତ୍ୟୁର କାରଣ ସାଜିପାରେ । ପ୍ରତ୍ୟେକ ୩ ରୋଗୀଙ୍କ ମଧ୍ୟରୁ ଜଣେ ନିଓକୋଭ ଭାଇରସରେ ଆକ୍ରାନ୍ତ ହୋଇ ପ୍ରାଣ ମଧ୍ୟ ହରାଇପାରନ୍ତି । ସେହିପରି ନିଓକୋଭରେ ସାର୍ସ-କୋ-୨ କରୋନା ଭାଇରସର ଗୁଣ ମଧ୍ୟ ରହିଛି, ଯାହା ଅଧିକରୁ ଅଧିକ ଲୋକଙ୍କୁ ସଂକ୍ରମିତ କରିପାରିବ ବୋଲି ସେମାନେ ଆକଳନ କରିଛନ୍ତି । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଗୁରୁତ୍ୱର ସହ ନେଇଛି । ଏହା ମାନବଜାତି ପ୍ରତି କ'ଣ ବିପଦ ସୃଷ୍ଟି କରିବ, ସେକଥା ଅଧିକ ଗବେଷଣା ପରେ ଜଣାପଡ଼ିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।

### କଟକଣା ମଧ୍ୟରେ ...

ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୋଭିଡ କଟକଣା ମଧ୍ୟରେ ଦୁଇ ଦିନିଆ ଏହି ମେଳାରେ ମାତ୍ର ସ୍ୱଳ୍ପ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ନେଇ ଆୟୋଜିତ ହେବ । କରୋନା ସଂକ୍ରମଣ ଭୟ ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ମେଳା ପଡିଆକୁ ଶ୍ରଦ୍ଧାଳୁ ନଆସିବା ପାଇଁ ବାରଣ କରାଯାଇଛି । ଚଳିତ ବର୍ଷ ବିନା ଭକ୍ତରେ ଶ୍ରୀଜିୟୁଙ୍କ ସ୍ନାନ କାର୍ଯ୍ୟ ସମ୍ପାଦନ କରାଯିବା । କେବଳ ସେବାୟତ, ମେଳା ସହ ଜଡିତ ପ୍ରଶାସନିକ ଅଧିକାରୀ, ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ୱତନ୍ତ୍ର ପାସ ପାଇଥିବା ବ୍ୟକ୍ତିଙ୍କ ବ୍ୟତିତ ଅନ୍ୟ କାହାରିକୁ ମେଳା ପଡିଅକୁ ଛଡା ଯିବ ନାହିଁ । ପୂର୍ବ ବର୍ଷ ପାନଙ୍କ ପରି ମୋଳା ପଡିଆରେ ପାନୀୟ ଜଳ, ପରିମଳ, ସ୍ୱାସ୍ଥ୍ୟ ଚିକିତ୍ସା, ପରିବହନ, ଆଲୋକ, ସୁରକ୍ଷା, ଟ୍ରାଫିକ ଓ ଅପରାଧ ନିୟନ୍ତ୍ରଣ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ, ଷଷ୍ଠୀ ରାତିରେ ଚନ୍ଦ୍ରଭାଗା ମେଳାପଡ଼ିଆରେ ସମବେତ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପ୍ରଭୃତି ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ସବୁ ବିଭାଗର ପ୍ରଶାସନିକ ଅଧିକାରୀମାନନେ ବୈଠକରେ ସୂଚନା ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ କୋଣାର୍କର ସମସ୍ତ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ବିଗତବର୍ଷମାନଙ୍କରେ ମାଘମେଳାରେ ଦେଖାଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରିଥିଲେ । ମେଳାପଡ଼ିଆରେ ପ୍ରଶାସନ ଓ ଶ୍ରଦ୍ଧାଳୁମାନଙ୍କୁ ସହଯୋଗ କରିବା ପାଇଁ ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ମେଳାପଡ଼ିଆରେ ନିୟୋଜିତ କରିବାପାଇଁ ନିଷ୍ପତ୍ତି ନିଆଯାଇଛି ।

### ଟଙ୍କା ଫେରାଇବାକୁ ...

ଶ୍ରୀ ପରିଡାଙ୍କ ପଛରେ ପଛରେ ବହୁତ ଦଉଡ଼ା ଦଉଡ଼ି କଲା ପରେ ୨୦୧୪ ମସିହାରେ ଷ୍ଟାମ୍ପ୍ ପେପରରେ ଚୁକ୍ତି ମଧ୍ୟ କରିଥିଲେ ଯେ, 'ଅରଗୁଳ ମୌଜାରେ ୫/୫୬୪ ନମ୍ବର ପ୍ଲଟରୁ ଶହେ ଡେସିମିଲ ଜାଗା ବାବଦକୁ ଅଢେଇ ଲକ୍ଷ ଟଙ୍କା ବୁଝିନେଲି' । ତା'ପରେ ଶ୍ରୀ ପରିଡା ଜାଗା ରେଜେଷ୍ଟ୍ରୀ କଲେନାହିଁ । ପରେ ଭୁଲେଖରେ ଚେକ୍ କଲାରୁ ଜଣାପଡ଼ିଲା ଯେ ଅରଗୁଳ ମୌଜାରେ ୫/୫୬୪ ନମ୍ବରରେ କିଛି ପ୍ଲଟ୍ ନାହିଁ କି ସେହି ମୌଜାର ନବୀନ ଚରଣ ପରିଡ଼ାଙ୍କ ନାମରେ କୌଣସି ବି ପ୍ଲଟ୍ ନାହିଁ । ତା'ପରେ ଶ୍ରୀ ମହାପାତ୍ର ଥାନାକୁ ଏଫ୍‌ଆଇଆର ଦେବାକୁ ଯାଇ ସେଠାରେ ନିରାଶ ହୋଇଥିଲେ । ଶେଷରେ ଶ୍ରୀ ମହପାତ୍ର ହ୍ୟୁମାନ୍ ରାଇଟସର ଦ୍ୱାରସ୍ଥ ହେଲେ ଓ ହ୍ୟୁମାନ୍ ରାଇଟସର ହସ୍ତକ୍ଷେପ ଫଳରେ ଜଟଣୀ ଥାନା ତାଙ୍କର ଏଫ୍‌ଆଇଆର ନେଲେ । ଏଫ୍‌ଆଇଆର ନଂ. ୬୫୩/୨୦୨୧ ତାରିଖ ୦୭.୧୨.୨୧ । ଗତ ଡିସେମ୍ବର ମାସ ଅଠେଇଶ୍ ତାରିଖରେ ହ୍ୟୁମାନ୍ ରାଇଟସରେ ହାଜର ହେଇ ଜଟଣୀ ଥାନାର ତଦନ୍ତକାରୀ ପୋଲିସ ଅଫିସର ତାଙ୍କ ଇନକ୍ୱାରୀ ରିପୋର୍ଟରେ ଅତି ସ୍ପଷ୍ଟ ଭାବେ ଲେଖିଲେ 'ତଦନ୍ତ କଲା ପରେ ଜଣାପଡ଼ିଲା ଯେ ଅଭିଯୋଗ ସତ୍ୟ ମାତ୍ର ନବୀନ ଚରଣ ପରିଡ଼ା ଫେରାର ଥିବାରୁ ତାକୁ ଗିରଫ କରାଯାଇ ପାରିନାହିଁ । ବହୁତ ଶୀଘ୍ର ତାଙ୍କୁ ଗିରଫ କରିବାକୁ ପଦକ୍ଷେପ ନିଆଯାଉଛି' । ଥାନାରେ ଏଫ୍‌ଆଇଆର ହେବା ପରେ ଶ୍ରୀ ପରିଡା ଏବେ ହାଇକୋର୍ଟରେ ବହୁ ମିଥ୍ୟା ତଥ୍ୟ ଦେଇ ଆଗୁଆ ଜାମିନ୍ ପାଇଁ ଆବେଦନ କରିଛି । ୨୦୧୪ ମସିହାରେ ଶ୍ରୀ ପରିଡାଙ୍କ ବୟସ ଥିଲା ୫୯ ବର୍ଷ । ମାତ୍ର ଏବେ ସାତ ବର୍ଷ ପରେ ଜାମିନି ଆବେଦନ ଦରଖାସ୍ତର ପ୍ରଥମ ପୃଷ୍ଠାରେ ନିଜର ବୟସ ୭୯ ଓ ପର ପୃଷ୍ଠାରେ ୮୦ ବର୍ଷ ଦର୍ଶାଇଛନ୍ତି । ତଦନ୍ତକାରୀ ପୋଲିସ ଅଫିସର ନବୀନ ପରିଡ଼ା ଫେରାର ବୋଲି ଲିଖିତ ଆକାରରେ ଇନକ୍ୱାରୀ ରିପୋର୍ଟ ଦେଲା ବେଳେ ଶ୍ରୀ ପରିଡା ଉଲ୍ଲେଖ କରିଛନ୍ତି 'ମୁଁ ଅଶୀ ବର୍ଷର ଜଣେ ବୃଦ୍ଧ । ରୋଗୀଣା ଅବସ୍ଥାରେ ଘରେ ଶଯ୍ୟାଶାୟୀ । ଫେରାର ହବା ବା ତଦନ୍ତ ପ୍ରକ୍ରିୟାକୁ ଆଭଏଡ୍ କରିବାର ପ୍ରଶ୍ନ ଉଠୁନାହିଁ' । ତା' ପାଖରେ ରହିଯାଇଥିବା ୨୦୧୧ ମସିହାର ଚେକ ଦୁଇଟିକୁ ଦେଖେଇ ହାଇକୋର୍ଟକୁ କନଫିୟୁଜ୍ କରିବାକୁ ମଧ୍ୟ ଶ୍ରୀ ପରିଡା ଚେଷ୍ଟା କରିଛନ୍ତି ।

### ବୁଷ୍ଟର ...

ହଜାର ରହିଥିବା ବେଳେ, ପଜିଟିଭିଟି ହାର ୧୧.୪ ପ୍ରତିଶତ ରହିଛି । ଯାହାକି ଜାତୀୟ ହାର ଠାରୁ କମ୍ ଅଟେ । ଯାଜପୁର, ବାଲେଶ୍ୱର, କଟକ, ସୁନ୍ଦରଗଡ ଓ ଖୋର୍ଦ୍ଧାରେ ପଜିଟିଭିଟି ହାର ତୁଳନାତ୍ମକ ଭାବେ ଅଧିକ ଅଛି ବୋଲି ସେ ସୂଚନା ଦେଇଥିଲେ । ସେହିପରି ଟିକାକରଣ ସ୍ଥିତି ମଧ୍ୟ ସନ୍ତୋଷଜନକ ରହିଛି ବୋଲି ଶ୍ରୀ ଶର୍ମା ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଓ କଟକ ମ୍ୟୁନିସପାଲ କମିଶନର ଏବଂ ଖୋର୍ଦ୍ଧା ଓ ରାୟଗଡାର ଜିଲ୍ଲାପାଳ ମାନେ ସେମାନଙ୍କ ଅଞ୍ଚଳର ପରିସ୍ଥିତି ସଂପର୍କରେ ବୈଠକରେ ଉପସ୍ଥାପନା କରିଥିଲେ ।

# ଜୋର ଧରିଲା ପ୍ରଧାନ ଶିକ୍ଷକଙ୍କ ବହିଷ୍କାର ଦାବି

**ଜୁନାଗଡ :** ଜୁନାଗଡ- ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ ନାନ୍ଦୋଲ ପାଇଁ ୫ଟି ତରଫରୁ ଆସିଥିବା ରୂପାନ୍ତରିତ ଅନୁଦାନ ବାଟମାରଣା ହେବା ପାଇଁ ନିଜ ଖୋଦ ପ୍ରଧାନଶିକ୍ଷକ ବ୍ୟସ୍ତ ଓ ବିବ୍ରତ ଯିଏକି ୧୫ ଦିନ ପରେ ଅବସର ନେବେ । ପ୍ରଧାନଶିକ୍ଷକ ଓ ଏସ୍.ଏମ୍.ଡି.ସି. କମିଟି ପାଖରେ ଗ୍ରାମ ବାସୀ ଓ ଅଭିଭାବକ ବୃନ୍ଦ ପାହଞ୍ଚି ସୁପାରିଶ କରିବା ପରେ ଜଣାପଡିଲା ସେ ଜଣେ ବ୍ୟକ୍ତିଙ୍କୁ ଜବରଦସ୍ତ ଏସ୍.ଏମ୍.ଡି.ସି. କମିଟିରେ ସଦସ୍ୟ କରି ତାଙ୍କୁ ସେହି କାର୍ଯ୍ୟଟିକୁ ଦେବା ପାଇଁ ଚେଷ୍ଟା କରୁଛନ୍ତି । ଯିଏକି ପୂର୍ବରୁ ଏହି କମିଟିରେ ସଦସ୍ୟ ନଥିଲେ । ଏଣୁ ଗ୍ରାମବାସୀ ଓ ଅଭିଭାବକ ବୃନ୍ଦ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ପାଖରେ ଅଭିଯୋଗ କଲାପରେ ମଧ୍ୟ ଉକ୍ତ ପ୍ରଧାନଶିକ୍ଷକ ତାଙ୍କୁ ନିଷ୍ପତ୍ତିରୁ ନିବୃତ ହେବେ ନାହିଁ ବୋଲି ଖୋଲାଖୋଲି ଭାବେ କହିବା ପରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଅଛି । ଏହି ସ୍କୁଲରେ ପର୍ବରୁ ଥିବା ସମସ୍ତ ମୂଲ୍ୟବାନ ଶିଶୁଗଛକୁ ବିନା ଅନୁମତିରେ କାଟି ପକାଇଛନ୍ତି ଯାହା ଆଗାମୀ ଭବିଷ୍ୟତରେ ଜନଅସନ୍ତୋଷ ଦେଖାଦେବ । ଜିଲ୍ଲାପାଳଙ୍କୁ ନିବେଦନ କରାଯାଉଅଛି ଏହି କେସରେ ହସ୍ତକ୍ଷେପ କରି ତୁରନ୍ତ ସାମାଧନ କରନ୍ତୁ ବା ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଅତିଶୀଘ୍ର କାର୍ଯ୍ୟରୁ ବହିଷ୍କାର କରନ୍ତୁ । ନଚେତ ଜନସାଧାରଣ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନାବାକୁ ବାଧ୍ୟ ହେବେ । ଏହି ବିଷୟରେ କଳାହାଣ୍ଡି ଜିଲ୍ଲା ଶିକ୍ଷାଅଧିକାରୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ତଥା ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଅଛି ।

# ୭୩ ତମ ସାଧାରଣତନ୍ତ୍ର ଦିବସ ପାଳନ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୭୩ ତମସାଧାରଣତନ୍ତ୍ର ଦିବସ କୋଭିଡି କଟକଣା ମଧ୍ୟରେ ନିରାଡ଼ମ୍ବର ସହିତ ପାଳିତ ହୋଇଯାଇଛି ।ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ବାରିକଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ସଂପାଦକ ଲୋକନାଥ ସ୍ୱାଇଁ, କୋଷାଧ୍ୟକ୍ଷ ସମୀର କର,ବରିଷ୍ଠ ସାମ୍ବାଦିକ ଧୁଶାସସନ ନାୟକ, ନିରଞ୍ଜନ ଦାସ, ଶରତ ପରିଡା,ଆର୍ଯ୍ୟ ବିଶ୍ୱାଳ, ପ୍ରକାଶ ବେହେରା, ଆର୍ତ୍ତ ମହାନ୍ତି, ଟୁଲୁ ବେହେରା, ଅଶୋକ କୁମାର ବାରିକ, ମାନସ ଖଣ୍ଡୁଆଳ, ଭୀମସେନ ବିଶ୍ୱାଳ,ମମତା ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଅସ୍ତରଙ୍ଗ ବିଜେଡି କାର୍ଯ୍ୟାଳୟରେ ବିଜେଡି ରାଜ୍ୟ ସମ୍ପାଦକ ସ୍ୱାଧୀନ କୁମାର ନାୟକ ,ତହସିଲଦାର ରାଜଲକ୍ଷ୍ମୀ ନାୟକ, ଥାନା ଅଧିକାରୀ ବାମଦେବ ନନ୍ଦ ପତାକା ଉତ୍ତୋଳନ କରିଥିଲେ ।ସେହିପରି ଅସ୍ତରଙ୍ଗ ବ୍ଲକ, ସ୍ୱାସ୍ଥ୍ୟ କେନ୍ଦ୍ର, କଂଗ୍ରେସ କାର୍ଯ୍ୟାଳୟ, ବିଜେପି କାର୍ଯ୍ୟାଳୟ, ବ୍ୟବସାୟୀ ସଙ୍ଘ,ମା ଦୁର୍ଗା କ୍ଲବ, ଗଣେଶ କ୍ଲବ, କାନାରା ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ମାନଙ୍କରେ ଶାଖା ପରିଚାଳକ ପତାକା ଉତ୍ତୋଳନ କରିଥିଲେ । ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତି ଅସ୍ତରଙ୍ଗ କଲେଜ, ବାଳିକା ଉଚ୍ଚ ବିଦ୍ୟାଳୟ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ରହ୍ମାନନ୍ଦ ସେନାପତି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ ।

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

# ଚୂଡାନ୍ତ ତାଲିକା ପ୍ରକାଶ, ସୁରକ୍ଷା ବ୍ୟବସ୍ଥା କଡାକଡି

**ଅସ୍ତରଙ୍ଗ :** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ଦାଖଲ, ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି । ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତରେ ସମିତି ସଭ୍ୟ ସଭ୍ୟା ପାଇଁ ୭୨ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ । ୩୧ ଜଣ ପ୍ରତ୍ୟାହାର କରିବା ପରେ ୪୮ ଜଣଙ୍କର ପ୍ରାର୍ଥୀ ପତ୍ର କାଏମ ରହିଛି । ସରପଞ୍ଚ ପଦବୀ ପାଇଁ ୭୯ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ୨୫ ଜଣ ପ୍ରତ୍ୟାହାର କରିବା ପରେ ୪୭ ଜଣଙ୍କର ପ୍ରାର୍ଥୀ ପତ୍ର କାଏମ ରହିଛି । ସେହିପରି ୱାର୍ଡ ସଭ୍ୟ ପାଇଁ ୫୧୧ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ୮୧ ଜଣ ପ୍ରତ୍ୟାହାର ପରେ ୪୩୦ ଜଣଙ୍କର ପ୍ରାର୍ଥୀ ପତ୍ର କାଏମ ରହିଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିର୍ଦ୍ଧାର୍ଥ ସ୍ୱାଇଁ ସୂଚନା ଦେଇଛନ୍ତି । ଅସ୍ତରଙ୍ଗ ବ୍ଲକ ନିର୍ବାଚନ ଦାୟିତ୍ୱରେ ଥିବା ନିର୍ବାଚନ ପର୍ଯ୍ୟବେକ୍ଷକ ଅବନୀକାନ୍ତ ପଟ୍ଟନାୟକ ଅସ୍ତରଙ୍ଗ ବ୍ଲକକୁ ସ୍ଥିତ ପରଖିବା ସହିତ ବ୍ଲକ ନିର୍ବାଚନ ଅଧିକାରୀ, ଥାନା ଅଧିକାରୀ ଓ ତହସିଲଦାରଙ୍କ ସହିତ ସମସ୍ତ ତଥ୍ୟ ସଂଗ୍ରହ କରିବା ସହିତ ଆଲୋଚନା କରି ଫେରି ଯାଇଛନ୍ତି । ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହିତ ସ୍ଥିତି ଉପରେ କଡା ନଜର ରଖିବା ପାଇଁ ମଧ୍ୟ କହିଛନ୍ତି ।

# ସରପଞ୍ଚ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି ବାବା



**ଅସ୍ତରଙ୍ଗ :** ପଞ୍ଚାୟତ ନିର୍ବାଚନ ଲଢୁଛନ୍ତି ଆଧାତ୍ମିକ ଗୁରୁ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଝାଡଲିଙ୍ଗ ଗ୍ରାମପାୟତର ନାନାପୁର ଗ୍ରାମର ଆଧାତ୍ମିକ ଗୁରୁ ବାବା ବୃନ୍ଦାବନ ନାୟକ ଝାଡଲିଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚ ପାଇଁ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି । ନିଜ ଅଞ୍ଚଳର ଉନ୍ନତି ପାଇଁ ତ୍ରିସ୍ତରୀୟ ନିର୍ବାଚନରେ ଝାଡଲିଙ୍ଗ ପଂଚାୟତର ସରପଞ୍ଚ ପାଇଁ ରାଜନୀତିରେ ପ୍ରବେଶ କରିଛନ୍ତି ବାବା ବୃନ୍ଦାବନ । ତେବେ ଆଗାମୀ ଦିନରେ ଲୋକଙ୍କ ସେବା କରିବା ସହ ଗ୍ରାମର ସମସ୍ୟା ପ୍ରତି ଗୁରୁତ୍ୱ ଦେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି । ଅନ୍ୟପଟେ ଆଧାତ୍ମିକ ଗୁରୁ ନିର୍ବାଚନ ଲଢୁଥିବାରୁ ଗ୍ରାମ ବାସୀ ତଥା ଅଞ୍ଚଳବାସୀ ବେଶ ଗର୍ବିତ ହେବାସହ ସେମାନଙ୍କ ଆଶା ପୂରଣ ହେବ ବୋଲି କହିଛନ୍ତି । ନାମାଙ୍କନ ଦାଖଲ କରିବା ପରେ ଏବେ ଗାଁ ଗାଁ ବୁଲି ନିର୍ବାଚନ ପ୍ରଚାର କରୁଛନ୍ତି ଆଧାତ୍ମିକ ଗୁରୁ ବାବା ବୃନ୍ଦାବନ ନାୟକ ।

# ଖବର ପ୍ରକାଶ ପରେ ବିଇଓଙ୍କ କାର୍ଯ୍ୟାନୁଷ୍ଠାନ



**ଭଦ୍ରକ :** ଗତ ୨୬ ତାରିଖ ବୁଧବାର "ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧା ସୁଯୋଗ ମିଳୁନି"ଶୀର୍ଷକ ଖବର ପ୍ରକାଶିତ ହେବାପରେ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରେଇ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗକୁ ଭି[illegible] କରି ଉକ୍ତ ଘଟଣାରେ ସଂପୃକ୍ତ ପ୍ରଧାନଶିକ୍ଷକଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ;ସରକାରୀ ସୁବିଧା ସୁଯୋଗରୁ ଛାତ୍ରଛାତ୍ରୀ ବଂଚିତ ହେବା ଫଳରେ ଗ୍ରାମବାସୀ ଓ ଅଭିଭାବକ ମହଲରେ ଉତ୍ତେଜନା ଦେଖାଯାଇଥିଲା । ଅଭିଯୋଗର କାରଣ ବିଷୟରେ ପଚାରିଲେ ସିଆରସିସି ନିର୍ବାଚନୀ ବ୍ୟସ୍ତତା ଆଳ ଦେଖାଇ କୌଣସି ଉତ୍ତର ନଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପ୍ରହସନରେ ପରିଣତ ହେବାର ସୂଚନା ମିଳୁଥିଲା । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋପିନାଥପୁର ପଂଚାୟତ ଅନ୍ତର୍ଗତ ତୁଳିପଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଠାରେ । ସରକାରୀ ସୁବିଧା ସୁଯୋଗରୁ ବଂଚିତ ହେବାକୁ ନେଇ ମଙ୍ଗଳବାର ଗ୍ରାମବାସୀ ତଥା ଅଭିଭାବକମାନେ ସ୍କୁଲ ପରିସରରେ ପହଂଚି ଉକ୍ତ ଅସୁବିଧା ସଂପର୍କରେ ପ୍ରଧାନଶିକ୍ଷକଙ୍କୁ କୈଫୟତ ତଲବ କରିଥିଲେ । ଗତ କିଛି ମାସ ହେଲା ଏଠାରେ ଅଧ୍ୟୟନ କରୁଥିବା ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବହୁ ଛାତ୍ରଛାତ୍ରୀ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୟୁନିଫର୍ମ, ମଧ୍ୟାହ୍ନ ଭୋଜନ ଅର୍ଥ ଓ ଚାଉଳ ଆଦି ପାଇପାରି ନାହାଁନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଥିଲେ । ଏଥି ସହିତ କୋଭିଡ଼ ସମୟରେ ଏଠାରେ ମଧ୍ୟ ଠିକ୍ ଭାବେ ଅନଲାଇନ କ୍ଲାସ ଓ ବିଭିନ୍ନ ଉପାୟରେ ପିଲାମାନଙ୍କୁ ଶିକ୍ଷାଦାନ କରାଯିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଥିଲେ ସୁଦ୍ଧା ଏଠାରେ ଏହା ସଂପୂର୍ଣ୍ଣ ଭାବେ ଫେଲ ମାରିଥିଲା । ପ୍ରାୟ ୭୦ ଜଣ ପିଲାଙ୍କୁ ପାଠ ପଢାଇବା ପାଇଁ ବିଭାଗ ତରଫରୁ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ପୂର୍ବତନ ଶିକ୍ଷକ ସ୍କୁଲ ଚାବିକାଠି ନ ଦେବା ସହ ଦାୟିତ୍ୱ ହସ୍ତାନ୍ତର ନକରିଥିବାରୁ କୌଣସି କାର୍ଯ୍ୟ ହୋଇପାରୁ ନାହିଁ ବୋଲି ବର୍ତ୍ତମାନ ଅବସ୍ଥାପିତ ଶିକ୍ଷକ କହିଥିଲେ । ପୂର୍ବତନ ଶିକ୍ଷକ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନକୁ ଉଠାଣ କରି ବିନିଯୋଗ ନ କରିଥିବା ସହ ତାଙ୍କର ଅବହେଳାରୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ମଧ୍ୟ ହୋଇପାରି ନଥିବା ଜଣାପଡ଼ିଥିଲା । ଏହି ସବୁ ସମସ୍ୟାକୁ ନେଇ ଗ୍ରାମବାସୀମାନେ ସ୍କୁଲ ପରିସରକୁ ଆସି କୈଫୟତ ତଲବ କରିଥିଲେ । ପରେ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀ ଶ୍ରୀ ତରେଇ ଘଟଣାସ୍ଥଳରେ ପହଂଚି ଗ୍ରାମବାସୀ ଓ ଅଭିଭାବକଙ୍କ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାପରେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୟୁନିଫର୍ମ, ମଧ୍ୟାହ୍ନ ଭୋଜନ ଅର୍ଥ ଓ ଚାଉଳ ଆଦି ପାଇପାରି ନାହାଁନ୍ତି ବୋଲି ଜାଣିବାକୁ ପାଇଥିଲେ । ଏବଂ ଆଗରୁ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାକୁ ନେଇ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରେରିତ କାରଣ ଦର୍ଶାଅ ନୋଟିସର କୌଣସି ଉତ୍ତର ଦେଇନଥିବାରୁ ସଂପୃକ୍ତ ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡ଼ିଛି ।

# ନବଜାଗରଣର କର୍ଣ୍ଣଧାର-ନେତାଜୀ



ଜୟଶ୍ରୀ ପଟ୍ଟନାୟକ

ବିଂଶ ଶତାବ୍ଦୀରେ ଯେଉଁ କେତେଜଣ ମହାନ୍ ଜାତୀୟ ବୀରଗଣ ପ୍ରାଣୋତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅନ୍ୟତମ। ଭାରତ ସ୍ୱାଧୀନତା ପାଇଁ ଯେଉଁ ଐତିହାସିକ ନବଜାଗରଣ ଆରମ୍ଭ ହେଲା, ସେହି ନବଜାଗରଣର ଦୁଇ କର୍ଣ୍ଣଧାର ଥିଲେ ଗାନ୍ଧିଜୀ ଓ ନେତାଜୀ । ଗାନ୍ଧିଜୀ ଥିଲେ ଅହିଂସା ସତ୍ୟାଗ୍ରହର କର୍ଣ୍ଣଧାର ନେତାଜୀ ସୁଭାଷ ଥିଲେ ସଶସ୍ତ୍ର ମୁକ୍ତି ସଂଗ୍ରାମର କର୍ଣ୍ଣଧାର । ସେ ମୁକ୍ତି ସଂଗ୍ରାମର ଉଦ୍ଦେଶ୍ୟ ଥିଲା ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାର ବିରୁଦ୍ଧରେ ସଶସ୍ତ୍ର ଯୁଦ୍ଧ ଘୋଷଣା । ସେ ଥିଲେ ଦୟାର ଅବତାର ପ୍ରଜ୍ଞାର ନଭଶ୍ଚୁମ୍ବୀ ଶୃଙ୍ଗ, ବିଦ୍ରୋହର ଏକ ଜ୍ୱାଳାମୁଖୀ ଏବଂ ଭାରତବର୍ଷ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ବୀରପୁରୁଷ। ନୀତି ନୈତିକତା ଆଦର୍ଶରୁ କେବେ ବି ବଚ୍ୟୁତ ହୋଇନାହାଁନ୍ତି ତାଙ୍କର ସାଲିସ ବିହୀନ ଜୀବନରେ । ଆପଣାର ମହିମାରେ ସେ ତେଜୋଦୀପ୍ତ । ସେ ଏକ ପ୍ରଜ୍ୱଳିତ ଅନିର୍ବାଣ ଦୀପଶିଖା।

ଏହି ବିପ୍ଳବୀ ସୁଭାଷ ବୋଷଙ୍କ ବାଲ୍ୟ ଜୀବନ କଟିଥିଲା ଓଡିଶାର ପାଣି, ପବନରେ। ଓଡିଶାର ସାଂସ୍କୃତିକ ପରିବେଶରେ। ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ମାତା ପ୍ରଭାବତୀ ଦେବୀ ଓ ପିତା ଜାନକୀନାଥଙ୍କ ସୁଯୋଗ୍ୟ ସନ୍ତାନ ରୂପେ ଜନ୍ମ ନେଇଥିଲେ ଏହି ଉଜ୍ଜ୍ୱଳ ଭାସ୍ୱର। ୧୮୯୩ ରୁ ୧୯୧୩ ଦୀର୍ଘ ୧୬ ବର୍ଷ କଟକରେ ତାଙ୍କ ବାପାଙ୍କ ରହି ପ୍ରଥମେ ୟୁରୋପିୟାନ୍ ମିଶନାରୀ ବିଦ୍ୟାଳୟ ଓ ତା ପରେ ରେଭେନ୍ସା କଲିଜିଏଟ ସ୍କୁଲରେ ପାଠ ପଢି କୃତିତ୍ୱର ସହ ମାଟ୍ରିକ ପାଶ୍ କରିଥିଲେ। ନିଜକୁ ଜଣେ ବନ୍ଧୁବତ୍ସଳ ଛାତ୍ର ଭାବରେ ଗଢିଥିଲେ। ଏହି ସମୟରେ ରେଭେନ୍ସା କଲିଜିଏଟ ବିଦ୍ୟାଳୟର ପ୍ରଧାନ ଶକ୍ଷକ ବେଣୀମାଧବ ଦାସଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ହୃଦୟଙ୍ଗମ କରିଥିଲେ ଯେ ମଣିଷ ଜୀବନର ନୈତିକ ମୂଲ୍ୟବୋଧ ଅନ୍ୟ ସବୁଠାରୁ ମୂଲ୍ୟବାନ। ବେଣୀମାଧବ ସୁଭାଷଙ୍କୁ ଅନୁପ୍ରାଣୀତ କରି କହୁଥିଲେ ଯେ ନିଜକୁ ପ୍ରକୃତି ପାଖରେ ସମର୍ପଣ କରିଦିଅ ଏବଂ ଯୋଉ ପ୍ରକୃତିର ସ୍ୱର ଅନ୍ତର ଭିତରେ ପ୍ରତିଧ୍ୱନିତ ହେଉଛି, ତାକୁ ଅନୁଭବ କର। ତାଙ୍କର ଏହି ମହତ୍ ବାଣୀ ସୁଭାଷଙ୍କ କିଶୋର ମନରେ ଗଭୀର ରେଖାପାତ କଲା। ୧୯୧୩ ମସିହାରେ ସେ କଲିକତା ଗଲେ ଉଚ୍ଚଶିକ୍ଷା ପାଇଁ ୧୯୧୫ରେ ଇଂଟରମିଡିଏଟ୍ ପାଶ୍ କରି ୧୯୧୬ ରେ ପ୍ରେସିଡେନ୍ସି କଲେଜରେ ଦର୍ଶନଶାସ୍ତ୍ର ପଢିବା ପାଇଁ ଭର୍ତି ହେଲେ। ସେଠାରେ ମୁଖ୍ୟ ଅଧ୍ୟାପକ ଓଟନ ସାହେବଙ୍କ, ଭାରତୀୟ ଛାତ୍ରମାନଙ୍କ ପ୍ରତି ଦୁର୍ବ୍ୟବହାରର ପ୍ରତିବାଦ କରି ଧର୍ମଘଟର ନେତୃତ୍ୱ ନେଲେ। ଏହିଠାରେ ତାଙ୍କ ସଂଗ୍ରାମୀ ଜୀବନର ହୋଇଥିଲା ଅୟମାରମ୍ଭ । ସ୍କଟିସ୍ ଚର୍ଚ୍ଚ କଲେଜରୁ ଦର୍ଶନଶାସ୍ତ୍ରରେ ସମ୍ମାନ ସହ ପ୍ରଥମ ଶ୍ରେଣୀରେ ବି. ଏ ପାଶ୍ କଲେ। ପିତାଙ୍କ ନିର୍ଦ୍ଦେଶରେ ଇଣ୍ଡିୟାନ୍ ସିଭିଲ ସର୍ଭିସ୍ ପରୀକ୍ଷାରେ ଉତୀର୍ଣ୍ଣ ହେବାପାଇଁ ଇଂଲଣ୍ଡ ଯାତ୍ରା କଲେ ଏବଂ ଚତୁର୍ଥ ସ୍ଥାନ ଅଧିକାର କରି ଆଇ.ସି.ଏସ୍ ପରୀକ୍ଷାରେ ଉତୀର୍ଣ୍ଣ ହେଲେ। ଇଂଲଣ୍ଡରୁ ପ୍ରତ୍ୟାବର୍ତନ କରି ସେ ଗାନ୍ଧିଜୀଙ୍କ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ। ଉଚ୍ଚ ଚାକିରୀ ମୋହ ତାଙ୍କୁ ଆବଦ୍ଧ କରିପାରିଲାନି। ଦେଶବନ୍ଧୁ ଚିତରଂଜନ ଦାସଙ୍କ ଉତ୍ସାହ ଓ ପ୍ରେରଣାରେ ପ୍ରଭାବିତ ହୋଇ ଆନ୍ଦୋଳନରେ ଯୋଗଦେଲେ ଏବଂ ଆଇ.ସି. ଏସ୍ ଚାକିରିକୁ ବର୍ଜନ କଲେ। ଇଂରେଜ ଅଧୀନରେ ଚାକିରି କରି ଗୋଲାମ ହେବା ଅପେକ୍ଷା ଭାରତର ସ୍ୱାଧୀନତା, ଅର୍ଥନୈତିକ ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ସେ ନିଜକୁ ବେଶୀ ଶ୍ରେୟସ୍କର ମଣୁଥିଲେ। ସୁଭାଷ ଥିଲେ ବାମପନ୍ଥୀ, ଗାନ୍ଧିଜୀ ଏବଂ ତାଙ୍କ ସମର୍ଥକ ମାନେ ଥିଲେ ଦକ୍ଷିଣପନ୍ଥୀ। ସେମାନେ ଅହିଂସା ଯୁଦ୍ଧରେ ବିଶ୍ୱାସୀ। ଉଭୟଙ୍କର ଭିନ୍ନ ଭିନ୍ନ ନୀତି ଆଦର୍ଶ। ସୁଭାଷ ଥିଲେ ଉଦ୍ଧାମ ଯୁବକ । ଇଂରେଜ ବିରୁଦ୍ଧରେ ତାଙ୍କର ଥିଲା ହିଂସାତ୍ମକ ବିଦ୍ରୋହ। ବିପ୍ଳବୀ ରକ୍ତ ତାଙ୍କ ଦେହରେ ପ୍ରବାହିତ ହେଉଥିଲା। ୧୯୩୮ ମସିହାରେ ନେତାଜୀ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେବା ପରେ ଯେଉଁ ନୂତନ କାର୍ଯକାରୀ କମିଟି ଗଠନ କଲେ ସେଥିରେ ଓଡିଶାର ଯୁବ ନେତୃତ୍ୱ ହରେକୃଷ୍ଣ ମହତାବଙ୍କୁ ସଦସ୍ୟ ରୂପେ ମନୋନୀତ କଲେ। ଅଳ୍ପଦିନ ଭିତରେ ଗାନ୍ଧୀଙ୍କ ସହ ତାଙ୍କ ମତାନ୍ତର ହେଲା ତେଣୁ ସେ ଅହିଂସା ଅସହଯୋଗ ପ୍ରତ୍ୟାଖ୍ୟାନ କରି ଜନ୍ମଭୂମିର ମୁକ୍ତି ପାଇଁ ରକ୍ତାକ୍ତ ସଂଗ୍ରାମ ଆବଶ୍ୟକ ବୋଲି ଘୋଷଣା କଲେ। ୧୯୩୮ରେ ଗାନ୍ଧଙ୍କ ସହ ମତାନ୍ତର ପରେ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ। ୨୨ ଜୁନ୧୯୩୯ରେ ଫରୱାର୍ଡ ବ୍ଲକ୍ ନାମରେ ଏକ ଉଗ୍ରଜାତୀୟବାଦୀ ଦଳ ଗଠନ କଲେ। ତତ୍କାଳୀନ କଂଗ୍ରେସ ନେତାମାନଙ୍କ ଚିନ୍ତାଧାରା ସହିତ ତାଙ୍କ ଚିନ୍ତାଧାରା ଅପଡ ହେବାରୁ ସେ ଏହି ଉଗ୍ରଜାତୀୟତାବାଦ ଦଳ ଗଠନ କରିଥିଲେ । ସେଥିପାଇଁ ଇଂରେଜ ସରକାର ତାଙ୍କୁ ଗୃହବନ୍ଦୀ କରି ରଖିଲେ । ସୁଭାଷଙ୍କ ହୃଦୟରେ ବିଦ୍ରୋହର ନିଆଁ ଜଳିଲା । ସେ ସ୍ଥିର କଲେ ଯେ, ବ୍ରିଟିଶମାନଙ୍କ ସାମ୍ରାଜ୍ୟବାଦୀ ଚିନ୍ତାକୁ ଧ୍ୱଂସ କରିବାକୁ ହେଲେ ସଶସ୍ତ୍ର ସଂଗ୍ରାମ ହିଁ ଏକମାତ୍ର ପନ୍ଥା । ଫରୱାର୍ଡ ବ୍ଲକର ସମ୍ବାଦପତ୍ରରେ ଏକ ଲେଖା ପାଇଁ ତାଙ୍କୁ ଜେରା କରାଗଲା ମାତ୍ର ସେ ସରକାରଙ୍କୁ ଚକମା ଦେଇ ୧୭ ଡିସେମ୍ବର ୧୯୪୦ ଦିନ ଏକ ମୁସଲମାନ ଭଦ୍ରବ୍ୟକ୍ତିର ଛଦ୍ମବେଶରେ କାରରେ ବସି ଫେରାର ହୋଇ ବିଭିନ୍ନ ବେଶ ଧାରଣ କରି, ଗତ ରାମ ବ୍ୟକ୍ତିଙ୍କ ସହାୟତାରେ ପେଶୱାର, ଖାଇବର ଗିରିପଥ ଅତିକ୍ରମ କରି ଆଫଗାନିସ୍ଥାନର ରାଜଧାନୀ କାବୁଲରେ ପହଂଚିଲେ। ସେଠାରୁ ଉତମ ଚାନ୍ଦ ନାମକ ବ୍ୟକ୍ତି ସହାୟତାରେ ବିପଦ ସଙ୍କୁଳ ପାର୍ବତ୍ୟ ଅଞ୍ଚଳ ବାଲଖା ଓ ସମରକନ୍ଦ ଇତ୍ୟାଦି ଅତିକ୍ରମ କରି ମସ୍କୋରେ ପହଞ୍ଚିଲେ। ୧୮.୩.୪୧ ଇଟାଲିର ମୁସୋଲିନି ସହାୟତାରେ ଓରଲାଣ୍ଡୋ ମସୋଟା ନାମରେ ପାସପୋର୍ଟ କରି ୨୮.୩.୪୧ ଦିନ ମସ୍କୋରୁ ଉଡାଜାହାଜରେ ବର୍ଲିନ ପହଂଚିଲେ। ସେଠାରେ ଗଠନ କଲେ ଭାରତୀୟ ମୁକ୍ତି ବାହିନୀ ସେତେବେଳେ ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ ରେଡିଓରୁ ଭାରତୀୟ ମାନଙ୍କ ପ୍ରତି ଉଦ୍‌ବୋଧନ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମନରେ ସୃଷ୍ଟି କଲା ନୂତନ ଉନ୍ମାଦନା ଭାରତ ଛାଡ ଆନ୍ଦୋଳନ ପାଇଁ । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ ଇଂଲଣ୍ଡ ହୋଇଥାଏ ଜର୍ମାନୀର ଶତ୍ରୁ। ଇଂରେଜ ମାନଙ୍କୁ ତଡିବା ପାଇଁ କିଛି ପ୍ରବାସୀ ବିପ୍ଳବୀ ଭାରତୀୟ ବର୍ଲିନ ଠାରେ ଇଣ୍ଡିଆ ଇଣ୍ଡିପେଣ୍ଡେଂଟ ଲିଗ ନାମରେ ଏକ ସଂଗଠନ ଗଢିଥାନ୍ତି। ସେମାନେ ସୁଭାଷଙ୍କୁ ନେତା ଭାବରେ ଗ୍ରହଣ କଲେ । ହଠାତ୍ ବର୍ଲିନ୍ ରେଡିଓରୁ ସୁଭାଷଙ୍କ ଗମ୍ଭୀର କଂଠ ଶୁଭାଗଲା । ମୁଁ ସୁଭାଷ କହୁଛି... ଜୟ ହିନ୍ଦ୍। ସାରା ପୃଥିବୀରେ ଏ ଖବର ବ୍ୟାପିଗଲା । ଜର୍ମାନ ସହାୟତାରେ ଭାରତକୁ ମୁକ୍ତ କରିବା ପାଇଁ ସୁଭାଷ ହିଟଲରଙ୍କୁ ପ୍ରସ୍ତାବ ଦେଲେ। ମାତ୍ର ଯୁଦ୍ଧର ଗତି ବଦଳି ଯିବାରୁ ହିଟଲର ତାଙ୍କୁ ସାହାଯ୍ୟ କରି ପାରିଲେନି। ସୁଭାଷଙ୍କୁ ପ୍ରାଚ୍ୟ ଭୂଖଣ୍ଡରେ ଜର୍ମାନ ସାଥି ଜାପାନକୁ ପଠାଇଦେଲେ। ୮ ଫେବୃଆରୀ ୧୯୪୩ ଦିନ ଏକ ଜର୍ମାନ ୟୁ ବୋଟରେ ବସି ଆବେଦ ହୁସେନ ନାମକ ଜଣେ ସାଥି ସହ ସୁଭାଷ କିଲ ବନ୍ଦରରୁ ତାଙ୍କ ଯାତ୍ରା ଆରମ୍ଭ କଲେ । ବାଲଟିକ ସାଗର ଓ ଆଟଲାଂଟିକ ମହାସାଗରକୁ ଅତିକ୍ରମ କରି ସେ ଉତ୍ ମାସା ଅନ୍ତରୀପ ଠାରେ ଭାରତ ମହାସାଗରରେ ପହଂଚିଲେ । ୨୮.୪.୧୯୪୩ ଦିନ ମାଡାଗାସ୍କର ଠାରେ ଜର୍ମାନ ୟୁ ବୋଟ ଛାଡି ଜାପାନୀ ବୁଡାଜାହାଜ-୨୯ ରେ ବସିଲେ ଓ ଜାପାନ ଅଧକୃତ ଇଣ୍ଡୋନେସିଆର ବାଟାଭିଆ ଠାରୁ ବିମାନରେ ଜାପାନ ଯାତ୍ରା କଲେ। ସେତେବେଳେ ଦକ୍ଷିଣ-ପୂର୍ବ ଏସିଆରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ନିଆଁ ଜଳୁଥିଲା। ଜାପାନର ପ୍ରଚଣ୍ଡ ଆକ୍ରମଣରେ ଫିଲିପାଇନ୍ସ, କାମ୍ବୋଡିଆ, ଶ୍ୟାମ, ମଳୟ ଓ ଇଣ୍ଡୋନେସିଆ ଆଦିରୁ ଜାପାନ ଦ୍ୱାରା ତଡାଖାଇ ପାଶ୍ଚାତ୍ୟ ଶକ୍ତିମାନେ ପଳାଇଥିଲେ ସେସବୁ ଅଂଚଳ ଜାପାନ ଅଧିକୃତ ହେଲା। ପ୍ରାଚ୍ୟରେ ଥିବା ସବୁଠାରୁ ବଡ ଇଂରେଜ ନୌଘାଟିର ସିଙ୍ଗାପୁରରେ ପତନ ଘଟିଲା । ପ୍ରାୟ ୪୫ ହଜାର ସୈନ୍ୟ ଜାପାନ ଦ୍ୱାରା ବନ୍ଦୀ ହେଲେ। ଏମାନଙ୍କ ଭିତରେ ଅନେକ ଭାରତୀୟ ଥିଲେ। ଜାପାନ ସହାୟତାରେ ଏ ବନ୍ଦୀମାନଙ୍କୁ ମୁକ୍ତ କରି କ୍ୟାପଟେନ ମୋହର ସିଂ ନାମରେ ଜଣେ ଭାରତୀୟଙ୍କ ନେତୃତ୍ୱରେ ଆଇ. ଏନ୍. ଏ ବା ଆଜାଦ୍ ହିନ୍ଦ ଫୌଜ ସୈନ୍ୟବାହିନୀ ଗଠନ କରାଗଲା। ଜାପାନୀ ମାନଙ୍କ ସହ ମିଶି ଭାରତରୁ ଇଂରେଜମାନଙ୍କୁ ତଡିବା ଏହାର ପ୍ରଧାନ ଲକ୍ଷ୍ୟ ଥିଲା । ଜାପାନ ନାଗରିକତ୍ୱ ଗ୍ରହଣ କରିଥିବା ରାସ ବିହାରୀ ବୋଷଙ୍କୁ ଏହାର ଦାୟିତ୍ୱ ଦିଆଗଲା। କ୍ୟାପ୍‌ଟେନ ମୋହନ ସିଂ ଥିଲେ ସ୍ୱାଭିମାନୀ। ସୀମାନ୍ତକୁ ଯିବା ଆଗରୁ ସେ ଆଇ.ଏନ.ଏ ର ପରିଚାଳନା ଗତ ସ୍ୱାଧୀନତା ଦାବୀ କଲେ । ମାତ୍ର ଜାପାନ ସରକାର ତାଙ୍କ ଦାବୀ ପ୍ରତ୍ୟାଖ୍ୟାନ କଲେ ସେ ନିଜ ପଦରୁ ଇସ୍ତଫା ଦେଲେ ଓ ସୈନ୍ୟମାନଙ୍କୁ ବନ୍ଦୀ ଶିବିରକୁ ଫେରିଯିବାକୁ ନର୍ଦ୍ଦେଶ ଦେଲେ। ଏହି ବିଶୃଙ୍ଖଳାରୁ ରକ୍ଷା ପାଇବା ପାଇଁ ରାସ ବିହାରୀ ବୋଷ ଙ୍କର ସବୁ ଉଦ୍ୟମ ପଣ୍ଡ ହେଲା । ତେଣୁ ଆଇ.ଏନ୍.ଏ ର ଦାୟିତ୍ୱ ସୁଭାଷ ନେଲେ। ୧୩ ଜୁନ୍ ୧୯୪୩ ଦିନ ସୁଭାଷ ଟୋକିଓରେ ପହଂଚିଲେ । ତା ପରଦିନ ଜାପାନ ପ୍ରଧାନମନ୍ତ୍ରୀ ତେଜୋ ଓ ସାମରିକ ପରାମର୍ଶଦାତାଙ୍କୁ ସାକ୍ଷାତ କଲେ। ଆଇ. ଏନ୍.ଏ ପାଇଁ ସ୍ୱାଧୀନତା ପାଇଲେ । ଏସିଆ ଫର ଏସିଆନ୍ ଡାକ ସବୁଆଡୁ ଶୁଭିଲା। ଲକ୍ଷ ଲକ୍ଷ ପ୍ରବାସୀ ଭାରତୀୟ ଆଇ.ଏନ୍.ଏ ରେ ଯୋଗ ଦେଲେ। ଜୁଲାଇ ୨ ଦିନ ନେତାଜୀ ନିଜ ଦପ୍ତର ସିଙ୍ଗାପୁରକୁ ଉଠାଇ ନେଲେ ଓ ଏକ ସ୍ୱାଧୀନ ପ୍ରବାସୀ ସରକାର ଗଠନ କରାଗଲା। ସାତୋଟି ଦେଶ ମଧ୍ୟରେ ଏହାକୁ ସ୍ୱୀକୃତ ଦେଲେ । ଇଂରେଜ ଅଧିକୃତ ଭାରତ ଉପରେ ଆକ୍ରମଣ ପାଇଁ ତିନି ଡିଭିଜନ୍ ସୈନ୍ୟ ପ୍ରସ୍ତୁତ ହୋଇଗଲେ। ୨୧ ଅକ୍ଟୋବର ୧୯୪୩ ରେ କ୍ୟାଥି ସିନେମା ହଲ ଠାରେ ନେତାଜୀ ତାଙ୍କର ଅଭିନନ୍ଦନ ଅଭିଭାଷଣ ପ୍ରଦାନ କଲେ। ସେ ସୈନ୍ୟ ମାନଙ୍କୁ କହିଲେ, ତୁମେ ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି ଓ ଏହି ଜୟଯାତ୍ରା ଦିଲ୍ଲୀ ଅଧିକାର ପର୍ଯ୍ୟନ୍ତ ଚାଲିବ ... ମାଇକରୁ ଭାସି ଆସିଲା ଦିଲ୍ଲୀ ଚଲୋ। ନେତାଜୀ ସିଙ୍ଗାପୁରରେ ପହଂଚିଲେ ସେଠାରେ ଜାପାନ ସହାୟତାରେ ଆଜାଦ୍ ହିନ୍ଦ ଫୌଜ ନାମରେ ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଗଠନ କଲେ ୨୧ ଅକ୍ଟୋବର ୧୯୪୩ରେ। ଏହାପରେ ଉକ୍ତ ସୈନ୍ୟବାହିନୀ ତାଙ୍କ ନେତୃତ୍ୱରେ ପୂର୍ବ ଦିଗରେ ଆଣ୍ଡାମାନ ନିକୋବର ଓ ପରେ ନାଗାଲାଣ୍ଡର କୋହିମା ଠାରେ ଜାତୀୟ ପତାକା ଉଡାଇଲେ। ବ୍ରିଟିଶ ସାମ୍ରାଜ୍ୟବାଦ ପ୍ରାସାଦର ମୂଳଦୂଆକୁ ଦୋହଲାଇ ଦେଇଥିଲା ଏହା ହିଁ ଐତିହାସିକ ସତ୍ୟ। ଶେଷରେ ୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ପାର୍ଲାମେଂଟ ଭାରତକୁ ସ୍ୱାଧୀନତା ଦେବାକୁ ବାଧ ହେଲେ । ତେଣୁ ଭାରତୀୟ ସ୍ୱାଧୀନତା ଆନ୍ଦାଳନର ସଫଳତା ପଛରେ ଗାନ୍ଧିଜୀଙ୍କ ଅହିଂସା ସତ୍ୟାଗ୍ରହ ମୂଳ କାରଣ ହେଲେ ମଧ୍ୟ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜର ଯୁଦ୍ଧ ଘୋଷଣା ଓ କୋହିମା ଠାରେ ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଉତୋଳନ ମାନସିକ ସ୍ତରରେ ବ୍ରିଟିଶ ସାମ୍ରାଜ୍ୟବାଦର ଅହଂକାରକୁ ଧ୍ୱଂସ କରି ଦେଇଥିଲା। ୧୯୪୫ ଅଗଷ୍ଟ ୬ ଓ ଅଗଷ୍ଟ ୯ ରେ ହିରୋସିମା ନାଗାସାକି ଉପରେ ଆମେରିକା ଆଣବିକ ବୋମା ପକାଇ ଜାପାନକୁ ଆତ୍ମ ସମର୍ପଣ କରିବାକୁ ବାଧ କଲା ଫଳରେ ଆଜାଦ୍ ହିନ୍ଦ ଫୌଜ ଦୁର୍ବଳ ହୋଇଗଲା। ଆଜାଦ ହିନ୍ଦ ସୈନ୍ୟ ପରାଜିତ ହେଲେ ମଧ୍ୟ ସୁଭାଷ ବୋଷଙ୍କ ଦେଶପ୍ରେମ ଅମର ଓ ଚିର ସ୍ମରଣୀୟ ହୋଇ ରହିବ। ସେମାନେ ମଣିପୁରର ଇମ୍ଫାଲ ପର୍ଯ୍ୟନ୍ତ ଅତିକ୍ରମ କରିଆସିଲେ କିନ୍ତୁ ଜାପାନୀ ମାନେ ଇଂରେଜ ମାନଙ୍କ ସହ ଯୁଦ୍ଧରେ ପରାସ୍ତ ହେବାରୁ କଲେ। ଫଳରେ ସୁଭାଷ ଆଉ ଜାପାନୀ ମାନଙ୍କ ତରଫରୁ ସାହାଯ୍ୟ ମିଳିଲାନାହିଁ। ଜାନୁଆରୀ ୧୬, ୧୯୪୫ ରାତି ୧.୩୦ ରେ ଇଂରେଜ ଆଖିରେ ଧୂଳି ଦେଇ ଛଦ୍ମବେଶରେ ଜଣେ ଅନ୍ତରଙ୍ଗ ବନ୍ଧୁ ହବିବୁର ରହେମାନଙ୍କ ସହ ଏକ ଉଡାଜାହାଜରେ ଟୋକିଓ ଅଭିମୁଖେ ଯାତ୍ରା କଲେ କିନ୍ତୁ ବାଟରେ ଫର୍ମୋଦା ଦ୍ୱୀପରେ ଉଡାଜାହାଜଟି ଦୁର୍ଘଟଣାର ସମ୍ମୁଖୀନ ହେଲା। ୨୩. ୮.୧୯୪୫ ତାରିଖ ଟୋକିଓ ରେଡିଓରୁ ଜାପାନ ଘୋଷଣା କଲା ଯେ, ନେତାଜୀ ଉଡାଜାହାଜ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି। ଭାରତୀୟ ମାନେ ବିଶ୍ୱାସ କଲେ ନାହିଁ। ନେତାଜୀଙ୍କ ଅନ୍ତିମ ଜୀବନ ଏବେ ବି ଭାରତୀୟଙ୍କ ନିକଟରେ ରହସ୍ୟାବୃତ ହୋଇ ରହିଛି। ହେଲେ ତାଙ୍କ ଦେଶପ୍ରେମ ର ଅଗ୍ନି ପ୍ରତ୍ୟେକ ଭାରତୀୟ ହୃଦୟରେ ପ୍ରଜ୍ଜଳିତ। ବାସ୍ତବିକ ସେ ଥିଲେ ନବଜାଗରଣର କର୍ଣ୍ଣଧାର।





ଭୁବନେଶ୍ୱର
ଦୂରଭାଷ : ୭୯୭୮୧୧୦୪୭୪







# ‘ମୋଦି ପଠାଉଥିବା ଟଙ୍କାର ଜଗୁଆଳି ହେବ ବିଜେପି’

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନ ପାଇଁ ସରଗରମ ଗାଁ ରୁ ସହର। ଛକ ଛକରେ ପୋଷ୍ଟର ଲଢେଇ। ରଣାଙ୍ଗନରେ ବିଜେଡି ବନାମ ବିଜେପି। ସେପଟେ ଭୋଟକୁ ହାତରେ କେଇଟି ଦିନ ଥିବାବେଳେ ରାଜ୍ୟ ବିଜେପି ଜାରି କରିଛି ନିର୍ବାଚନୀ ଇସ୍ତାହାର। ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହା ଉନ୍ମୋଚିତ ହୋଇଛି। ବିଜେପି ନିର୍ବାଚନୀ ଇସ୍ତାହାରରେ ୧୫ଟି ପ୍ରସଙ୍ଗ ଉତଥାପନ କରିଛି। ବିଜେପିକୁ ପଞ୍ଚାୟତ ନିର୍ବାଚନରେ ବିଜୟୀ କଲେ ପଞ୍ଚାୟତରେ ଗ୍ରାମସଭା ଓ ପଲ୍ଲୀସଭା ହେବ। କେନ୍ଦ୍ର ପଠାଉଥିବା ଟଙ୍କାର ଜଗୁଆଳି ହେବ। ମହିଳା ଶସକ୍ତିକରଣ ଓ ପ୍ରତ୍ୟେକ ପଞ୍ଚାୟତରେ ମହିଳାଙ୍କ ଦ୍ୱାରା ଉତ୍ପାଦିତ ଜିନିଷକୁ ବଜାରରେ ବିକ୍ରି କରାଯିବ। ଗାଁ ଗଣ୍ଡାରେ ଥିବା ନାଳ ନର୍ଦ୍ଦମାର ସ୍ଥିତି ସୁଧାରିବା ସହିତ ରୋସନ କାର୍ଡରୁ ବଞ୍ଚିତ ହୋଇଥିବା ସାଧାରଣ ଲୋକଙ୍କୁ ରେସନକାର୍ଡ ଯୋଗାଇଦିଆଯିବ। ଷ୍ଟ୍ରିଟ୍ ଲାଇଟ ଲଗାଇବା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ସୁଧାର ଆସିବ। ସେହିପରି ପ୍ରତି ଘରକୁ ବିଜୁଳି ଓ ରନ୍ଧନ ଗ୍ୟାସ ପହଁଚାଯିବ। ସେହିପରି ମହିଳାମାନଙ୍କ ପାଇଁ ଗଠନ କରାଯାଇଥିବା ସ୍ୱଂୟ ସହାୟକ ଗୋଷ୍ଠୀ ଭଳି ରାଜ୍ୟର ବେକାର ଯୁବକ ମାନଙ୍କୁ କର୍ମନିଯୁକ୍ତ କରିବା ପାଇଁ ସଂୟ ସହାୟକ ଗୋଷ୍ଠୀ ଗଢିବ ବିଜେପି। ଯୁବକ ମାନଙ୍କୁ ତାଲିମ ସହ କର୍ମନିଯୁକ୍ତି ଯୋଗାଇବାରେ ସହାୟକ ହେବ ବୋଲି ଇସ୍ତାହାରରେ ପ୍ରକାଶ ପାଇଛି।



ଇସ୍ତାହାରରେ ବିଜେପି ପ୍ରକାଶ କରିଛି, ଓଡିଶାରେ ବାରମ୍ବାର ବନ୍ୟା ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ପ୍ରତିବର୍ଷ ଆସୁଛି। ଜଗତସିଂହପୁରର ଆରମ୍ଭ କରି ମୟୂରଭଞ୍ଜ ପର୍ଯ୍ୟନ୍ତ ସାଧାରଣ ଲୋକ ଅତ୍ୟାବଶକୀୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ପଠାଉଥିବା ଅର୍ଥକୁ ହଡପ କରାଯାଉଛି। ତେଣୁ ବିଜେପି ଏହି ଅର୍ଥକୁ ସୁପରିଚାଳନା କରିବା ସହିତ ସାଧାରଣ ଲୋକଙ୍କ ପାଖରେ ପହଁଚାଇବ ବୋଲି ଇସ୍ତାହାରରେ ପ୍ରକାଶ କରିଛି ବିଜେପି। ବାତ୍ୟା, ବନ୍ୟା, ମରୁଡି ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇ ଆସୁଥିବା ଓଡିଶା ରାଜ୍ୟକୁ ମୋଦି ସରକାର ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେଉଛନ୍ତି। କିନ୍ତୁ ତାର ସିଂହଭାଗ ଶାସକ ଦଳର ଧନୀ ନେତା ଓ କର୍ମୀମାନେ ହଡପ କରୁଛନ୍ତି । ତେଣୁ ଓଡିଶାର ପ୍ରକୃତ ଗରୀବ ହିତାଧିକାରୀଙ୍କୁ ବାଛି ସ୍ୱତନ୍ତ୍ରଭାବେ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ୟାନ୍ୟ ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ମନରେଗାରେ ମିଳୁଥିବା ଜବ୍‌କାର୍ଡ ଯେପରି ବନ୍ଧା ପଡୁଛି ଓ ସବୁ ପ୍ରକାର ମାଟି କାମ ମଣିଷ ବଦଳରେ ମେସିନ୍ କରୁଛି ସେଭଳି ହରିଲୁଟ୍‌କୁ ବନ୍ଦ କରାଯିବା ସହ ମନରେଗା ଯୋଜନାରେ ଶ୍ରମିକମାନଙ୍କୁ ମୋଦି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମଜୁରୀ ପ୍ରଦାନକୁ ସୁନିଶ୍ଚିତ କରାଯିବ। ରାଜ୍ୟ ସରକାର ଗାଁ ଗହଳିରେ ଅପର୍ଯ୍ୟାପ୍ତ ସଂଖ୍ୟାରେ ମଦ ଦୋକାନ ଖୋଲି ଓଡିଆ ଗ୍ରାମ୍ୟ ସଂସ୍କୃତିକୁ ଧ୍ୱଂସ କରି ସାରିଲେଣି । ମଦ ଦୋକାନ ଗୁଡିକ ଜନବସତି, ସ୍କୁଲ, କଲେଜ, ଉପାସନା ପୀଠ ଏବଂ ରାଜପଥ ଠାରୁ ୫୦୦ ମିଟର ଦୂରରେ ଖୋଲିବାର ନିୟମ ରହିଥିଲେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ନିୟମ ଉଲ୍ଲଙ୍ଘଂନ କରି ମଦ ଦୋକାନ ଖୋଲା ଯିବା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।



# ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏକ ମହତ୍ତମ ସେବା

**ରାଜ୍ୟରେ ତଥା ଦେଶରେ ଥିବା ଭିନ୍ନକ୍ଷମ ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଓ ସେମାନଙ୍କୁ ରୋଜଗାରକ୍ଷମ କରାଇବା ଲକ୍ଷ୍ୟରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ଇଞ୍ଜିନିୟର ଡ. ସୌଭାଗ୍ୟ ରାଉତରାୟ। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ବସବାସ କରୁଥିବା ଡ଼. ରାଉତରାୟଙ୍କ ଜନ୍ମସ୍ଥାନ ଜଗତସିଂହପୁର ଏବଂ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀରୁ ସ୍କୁଲ ଶିକ୍ଷା ସମାପ୍ତ ପରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର କଲେଜରେ ଅଧ୍ୟୟନ କରିଥିଲେ। ପରେ ପୁଣେର ପଦ୍ମଶ୍ରୀ ଭିକେ ପାଟିଲ ୟୁନିଭରସିଟିରୁ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରି ସେଠାରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଯେହେତୁ ଆଇଟି ଶିକ୍ଷାରେ ତାଙ୍କର ଦକ୍ଷତା ରହିଥିଲା ପରେ ସେ ପିସିଏସ, ସିଏମଏସ, ଉଇପ୍ରୋ ଭଳି ସଂସ୍ଥାରେ କର୍ମନିଯୁକ୍ତି ପାଇ ସଫଳତାର ସହ କାର୍ଯ୍ୟ କରିଥିଲେ ବି ସେଥିରେ ସେ ସନ୍ତୁଷ୍ଟ ନଥିଲେ। ଓଡ଼ିଶାରେ ଆଇଟି ବିଷୟକୁ ନେଇ କିଛି ଗୋଟେ ନୂଆ କରିବା ଓ ଏଥିରେ ଅନ୍ୟମାନଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟ ନେଇ ନିଜର ଏକ ଆଇଟି ସଂସ୍ଥା ଆରମ୍ଭ କରିଥିଲେ। ସ୍କୁଲ ସ୍ତରରେ ପିଲାମାନଙ୍କୁ କିଭଳି ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷା ଦିଆଯାଇପାରିବ ତାହା ସାକାର କରିବାକୁ ଯାଇ ରାଜ୍ୟ ସରକାରଙ୍କ ସହାୟତାରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ଆରମ୍ଭ କରାଇଥିଲେ। ସରକାରଙ୍କ ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପ ଅଧୀନରେ ସେ ଅଧିକରୁ ଅଧିକ କମ୍ପ୍ୟୁଟର ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇ ଏହାର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ। ଏତିକିରେ ଡ଼. ରାଉତରାୟଙ୍କ ମନ ବୁଝିନଥିଲା। ରାଜ୍ୟର ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ଲକ୍ଷ୍ୟ ନେଇ ସେ ଆରମ୍ଭ କଲେ ଶାନ୍ତିଧାମ ଫାଉଣ୍ଡେସନ। ଯାହା ମାଧ୍ୟମରେ ସେ ହଜାର ହଜାର ଭିନ୍ନକ୍ଷମଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ସନ୍ଧାନ ପାଇ ସର୍ବଭାରତୀୟ ସ୍ତରରେ ସେମାନଙ୍କ ପାଇଁ ବଞ୍ଚିବାର ନୂଆ ରାହା ଦେଖାଇଛନ୍ତି। ଓଡ଼ିଶା ଆଇଟି ଆସୋସିଏସନର ପ୍ରଥମ ସଭାପତି ଓ ଅଲ ଇଣ୍ଡିଆ ଆଇଟି ଆସୋସିଏସନର ଉପସଭାପତି ରହିଥିବା ଡ଼. ରାଉତରାୟ ଏବେ ଆନ୍ତର୍ଜାତୀୟ ସ୍ତରରେ ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଚାଲିଛନ୍ତି। ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ମାନସିକ ଓ ଶାରୀରିକ ବିକଳାଙ୍ଗଙ୍କ ପାଇଁ ନୂତନ ମାର୍ଗ ଦେଖାଇଛନ୍ତି। ମହାମାରୀ କରୋନା କାଳରେ ଶାନ୍ତିଧାମ ଫାଉଣ୍ଡେସନ ପକ୍ଷରୁ ରାଜଧାନୀର ବସ୍ତି ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ ସହ କୋଭିଡ ଆକ୍ରାନ୍ତଙ୍କ ନିକଟରେ ଦୁଇବେଳା ରନ୍ଧନ ଖାଦ୍ୟ ଯୋଗାଇ ସେବାର ଅସଲ ଉଦ୍ଦେଶ୍ୟକୁ ପ୍ରତିପାଦିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ବହୁ ସମ୍ମାନର ଅଧିକାରୀ ଡ଼. ରାଉତରାୟଙ୍କୁ ଜର୍ମାନୀର ଇଣ୍ଟରନ୍ୟାସନାଲ ପିସ୍ ୟୁନିଭରସିଟି ପକ୍ଷରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଡ. ରାଉତରାୟଙ୍କ ଭଳି ଜଣେ ନିଷ୍ଠାପର ସମାଜସେବୀ ତଥା ବରିଷ୍ଠ ଆଇଟି ବିଶେଷଜ୍ଞଙ୍କ ସହ 'ଏକମାତ୍ର'ର ଅଳ୍ପ ଆଳାପ।**



**ଆପଣ ଜଣେ ଆଇଟି ବିଶେଷଜ୍ଞ। କର୍ପୋରେଟ ସେକ୍ଟରରେ ଭଲ ଦରମାରେ ଚାକିରୀ ମଧ୍ୟ କରୁଥିଲେ। ତେବେ ହଠାତ ଚାକିରୀ ଛାଡି ସମାଜ ସେବା କ୍ଷେତ୍ରକୁ ଆସିଲେ କାହିଁକି ?**

ଉଚ୍ଚ ଶିକ୍ଷା ପରେ ପ୍ରଚୁର ଅର୍ଥ ଉପାର୍ଜନ କରିବାର ଆବଶ୍ୟକତା ରହିପାରେ, କିନ୍ତୁ ସମାଜ ପ୍ରତି ସମାନ ଭାବେ ଦାୟିତ୍ୱ ଥିବା କଥାଟିକୁ ଭୁଲିଯିବା ଅନୁଚିତ। ଯେଉଁଥିପାଇଁ ସମାଜ ସେବା ପ୍ରତି ଆନ୍ତରିକତା ଆସିଲା, ଯାହାର ପ୍ରତିଫଳନ ହେଉଛି ଶାନ୍ତିଧାମ ଫାଉଣ୍ଡେସନ।

**ଆଜିକାଲି ସମାଜ ସେବୀ ନାଁରେ ମଧ୍ୟ ଅନେକ ବ୍ୟକ୍ତି ନିଜକୁ ପ୍ରତିଷ୍ଠିତ କରାଇବାକୁ ଚାହାଁନ୍ତି। ଆପଣଙ୍କର ସେଭଳି କିଛି ପ୍ରତିଷ୍ଠା ପାଇଁ ଲୋଭ ଅଛି କି ?**

ଉତ୍ତମ କର୍ମ ହିଁ ମଣିଷକୁ ନୂତନ ପରିଚୟ ଦେଇପାରେ। ମାତ୍ର ବାସ୍ତବ ସମାଜ ସେବା ଏକ ନିଷ୍ଠାପର ଓ ତ୍ୟାଗ ଭାବନାର କଥା। ଆମ ଫାଉଣ୍ଡେସନ ଅନେକ କିଛି କାର୍ଯ୍ୟ କରୁଥିଲେ ବି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବାକୁ ଉଦ୍ୟମ କରିଆସୁଛି। ଯେଉଁମାନଙ୍କୁ ବିଭିନ୍ନ ମାର୍ଗରେ ତାଲିମ ଦେଇ ନିଯୁକ୍ତିର ସୁଯୋଗ ମଧ୍ୟ ଦେଉଛି। ଏ କାର୍ଯ୍ୟ କେବଳ ଆମ ରାଜ୍ୟ ମଧ୍ୟରେ ସୀମିତ ନୁହେ, ଦେଶ ଓ ବିଦେଶରେ ମଧ୍ୟ ଭିନ୍ନକ୍ଷମଙ୍କ ପାଇଁ ଆମେ ଭିନ୍ନ ଭିନ୍ନ ଯୋଜନା ମଧ୍ୟମରେ ସହାୟତା ଦେବାକୁ ଅବିରତ ଚେଷ୍ଟା କରୁଛୁ।

**ଶାନ୍ତିଧାମ ଫାଉଣ୍ଡେସନର ମୂଳ ଲକ୍ଷ୍ୟ କଣ ଏବଂ ଏହା ପଛରେ ଆଉ କାହାର ସହଯୋଗ ରହିଛି ?**

ଆଜିକୁ ପ୍ରାୟ ୧୬ ବର୍ଷ ପୂର୍ବେ ଏହି ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର ଜନ୍ମ ହୋଇଥିଲା। ଏହାର ପ୍ରଥମ ଅଧ୍ୟକ୍ଷା ଥିଲେ ମୋ ମା' ଶାନ୍ତିଲତା ରାଉତରାୟ। ଫାଉଣ୍ଡେସନ ପଛରେ ମୋ ବାପା ସ୍ୱର୍ଗତ ଧର୍ମାନନ୍ଦ ରାଉତରାୟଙ୍କ ପ୍ରେରଣା ରହିଥିଲା। ଏହି ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ମୁଖ୍ୟ ଅଛନ୍ତି ମୋ ପତ୍ନୀ ଲିଲୁ ରାଉତରାୟ। ଫାଉଣ୍ଡେସନ ସହ ଜଡିତ ଅଛନ୍ତି ଆଡଭୋକେଟ୍ ବିଜୟ ମହାପାତ୍ର। ଭୁବନେଶ୍ୱର ଗ୍ୟାରେଜ ଛକ ନିକଟ ରାଧାକୃଷ୍ଣ ନଗରରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଥିବା ବେଳେ ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ କାର୍ଯ୍ୟାଳୟ ରହିଛି। ଭିନ୍ନକ୍ଷମ ମାନଙ୍କ ଉତ୍ଥାନ ପାଇଁ ଏହା ସମର୍ପିତ ଭାବେ ନିରନ୍ତର କାର୍ଯ୍ୟ କରୁଛି। କୋଭିଡ ପାଇଁ କିଛି ସମସ୍ୟା ରହିଥିବାରୁ ନିଯୁକ୍ତି ମେଳା ସମ୍ଭବ ହେଉନଥିବାରୁ ଅନ୍‌ଲାଇନ ମାଧ୍ୟମରେ ମଧ୍ୟ କାର୍ଯ୍ୟ ଜାରି ରହିଛି। ଭିନ୍ନକ୍ଷମଙ୍କୁ ନିଯୁକ୍ତି ସହାୟତା ପ୍ରଦାନ ନିମନ୍ତେ ସବୁ ପ୍ରକାର ଉଦ୍ୟମ କରାଯାଉଛି। ଭବିଷ୍ୟତରେ ଏଥିପାଇଁ କଲ ସେଣ୍ଟର ଖୋଲାଯିବାକୁ କାର୍ଯ୍ୟକ୍ରମ ଚାଲିଛି।

**ଆପଣଙ୍କ ପାଇଁ ଏ ପ୍ରକାର କାର୍ଯ୍ୟ କେତେ ସହଜ ବୋଲି ମନେକରନ୍ତି ?**

ଦେଖନ୍ତୁ, କୌଣସି ବଡ଼ କାର୍ଯ୍ୟ କରିବାକୁ ଗଲେ ଆରମ୍ଭରୁ ଅନେକ ସମସ୍ୟା ଦେଖାଦେଇଥାଏ। ପରେ ସେହି ସମସ୍ୟାକୁ ଅତିକ୍ରମ କରିବାର ଲକ୍ଷ୍ୟ ନିର୍ଦ୍ଧାରଣ ହେଲେ କାର୍ଯ୍ୟ ସହଜ ଓ ସୁଗମ ହୋଇଥାଏ। ସେହିଭଳି ଆମେ ଆମ ଲକ୍ଷ୍ୟ ପୂରଣ ଦିଗରେ ଆଗକୁ ବଢୁଛୁ। ଏଥିରେ ରାଜ୍ୟ ସରକାରଙ୍କ ଏସ୍‌ଏସ୍ ଆଣ୍ଡ ଇପିଡବ୍ଲ୍ୟୁଡି ବିଭାଗ ଓ କେନ୍ଦ୍ର ସରକାରଙ୍କ ସହଯୋଗ ମଧ୍ୟ ଅଛି। ଶାରୀରିକ ବିକଳାଙ୍ଗ ଓ ଅନ୍ୟ ଭିନ୍ନକ୍ଷମଙ୍କ ଯୋଗ୍ୟତା ଭିତ୍ତିରେ ସେମାନଙ୍କୁ ଚୟନ କରାଯାଇ ତାଲିମ ପ୍ରଦାନ କରାଯାଏ। ତାଲିମ ସମୟରେ କେନ୍ଦ୍ର ସରକାରଙ୍କ ନିକଟରୁ ମିଳୁଥିବା ଅର୍ଥ ପିଲାଙ୍କୁ ସିଧାସଳଖ ପ୍ରଦାନ କରାଯାଏ। ଆମର ସହଯୋଗ ଓ ଆମାଜନ ଜରିଆରେ ଏହି କାର୍ଯ୍ୟ ଠିକ ଭାବେ ଚାଲିଛି।

**ଓଡିଶା ସମେତ ବିଭିନ୍ନ ରାଜ୍ୟର ଭିନ୍ନକ୍ଷମଙ୍କ ସମ୍ପର୍କରେ ତଥ୍ୟ ମିଳେ କିପରି ?**

ଏଥିପାଇଁ ବିଭିନ୍ନ ରାଜ୍ୟରେ ଶାନ୍ତିଧାମ ଫାଉଣ୍ଡେସନ ପାଇଁ କାର୍ଯ୍ୟ କରୁଥିବା ସହଯୋଗୀ ମାନେ ତଥ୍ୟ ସଂଗ୍ରହ କରିଥାନ୍ତି। ପରେ ଏହାର ବାସ୍ତବତା ପରୀକ୍ଷା କରି ଅସଲ ପ୍ରାର୍ଥୀଙ୍କୁ ଚିହ୍ନଟ କରାଯାଏ। ଚିଠା ପ୍ରସ୍ତୁତ ହେବା ପରେ ରାଜ୍ୟ ସରକାର ଏହାକୁ ତନଖି କରନ୍ତି। ପରେ ଯୋଗ୍ୟ ପ୍ରାର୍ଥୀଙ୍କ ଫୋନ ନମ୍ବର ଓ ଠିକଣା ଫଉଣ୍ଡେସନର ୱେବସାଇଟରେ ଅପଲୋଡ଼ କରାଯାଏ। ଏହା କଠିନ ପ୍ରକ୍ରିୟା ହୋଇଥିଲେ ବି ଏଥିରେ କିଛି ଦ୍ୱନ୍ଦ୍ୱ ଉପୁଜିନଥାଏ।

**ଶାନ୍ତିଧାମ ଫାଉଣ୍ଡେସନ ତରଫରୁ ଭିନ୍ନକ୍ଷମଙ୍କ ପାଇଁ ଆଉ କଣ ସବୁ କାର୍ଯ୍ୟକ୍ରମ ଆୟୋଜନ ହୁଏ ?**

ସର୍ବଭାରତୀୟ ସ୍ତରରେ ଭିନ୍ନକ୍ଷମଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଝୁମ ଇଣ୍ଟରନେସନାଲ ଆୟୋଜନ କରାଯାଏ। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀ ଯୋଗଦେଇ ନିଜର କଳା ପ୍ରତିଭା ପ୍ରଦର୍ଶିତ କରନ୍ତି। ପରେ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥାଏ।

**ଏଭଳି କାର୍ଯ୍ୟରେ ମନୋନିବେଶ କରିବା ପଛରେ କେଉଁ କାରଣ ?**

ଆମର ଉଦ୍ଦେଶ୍ୟ ସମଗ୍ର ଦେଶକୁ ଏକ ବାର୍ତ୍ତା ଯାଉ ଯେ, ସହଯୋଗ ମିଳିଲେ ଭିନ୍ନକ୍ଷମ ମାନେ ମଧ୍ୟ ବହୁତ ଆଗକୁ ଯାଇପାରିବେ। ସେଥିପାଇଁ ୨୦୧୬ ମସିହାରେ ପ୍ରଥମ କରି ରାଜଧାନୀରେ ଆୟୋଜିତ ହୋଇଥିବା ପଥ ଉତ୍ସବରେ ଆମର ପିଲାମାନେ ଭାଗ ନେଇଥିଲେ। ଏହାର ଲକ୍ଷ୍ୟ ଥିଲା ଆମ ରାଜ୍ୟର ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭା ସମସ୍ତେ ଦେଖନ୍ତୁ ଓ ସେମାନଙ୍କୁ ଜାଣନ୍ତୁ। ମୋ ବିଚାରରେ ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏକ ମହତ୍ତମ ସେବା।

**ଏତଦ୍ ବ୍ୟତୀତ ଶାନ୍ତିଧାମ ଫାଉଣ୍ଡେସନ ପକ୍ଷରୁ ଆଉ କି ପ୍ରକାର ସାମାଜିକ ସେବାର କାର୍ଯ୍ୟକ୍ରମ ହୋଇଥାଏ ?**

ଦେଖନ୍ତୁ, ସମାଜ ସେବା ଏକ ବିଶାଳ କ୍ଷେତ୍ର। ସବୁକ୍ଷେତ୍ରକୁ ଯାଇ କାର୍ଯ୍ୟ କରିବା ସମ୍ଭବ ନୁହେଁ। ତଥାପି ଫାଉଣ୍ଡେସନର ବଜେଟ ମଧ୍ୟରେ ଅନେକ କାର୍ଯ୍ୟ କରାଯାଉଛି। ତନ୍ମଧ୍ୟରେ ଗତ ଦୁଇବର୍ଷରୁ ଉର୍ଦ୍ଧ୍ୱ ମହାମାରୀ କରୋନା ସମୟରେ ସମାଜର ତଳ ସ୍ତରରେ ଥିବା ବିଭିନ୍ନ ବ୍ୟକ୍ତିଙ୍କୁ ସହଯୋଗ କରାଯାଇଛି। ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ସ୍ଥାନୀୟ ପୋଲିସ ସହଯୋଗରେ ଆମେ ଶୁଖିଲା ଖାଦ୍ୟ, ବସ୍ତ୍ର ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀ ମଧ୍ୟ ବଣ୍ଟନ କରିଛୁ। ଏପରିକି କରୋନା ସଂକ୍ରମିତଙ୍କ ନିକଟରେ ଆମ କରୋନା ଆକ୍ଟିଭ ଭଲ୍ୟୁଣ୍ଟରସମାନେ ଦୁଇ ଓଳି ରନ୍ଧା ଖାଦ୍ୟ, ପାନୀୟ ଜଳ ପହଞ୍ଚାଇଥିଲେ। ଏଥିପାଇଁ ଫାଉଣ୍ଡେସନ ତରଫରୁ ଗୋଟିଏ ଗୋଟିଏ ଗୋଷ୍ଠୀ ଗଠନ କରାଯାଇ କରୋନା ସଂକ୍ରମିତଙ୍କ ତଥ୍ୟ ହାସଲ କରାଯାଇ କାର୍ଯ୍ୟକ୍ରମ ହୋଇଥିଲା। ଏହା କେବଳ ଭୁବନେଶ୍ୱର ସହର ମଧ୍ୟରେ ସୀମିତ ନଥିଲା ବରଂ କଟକ ସହରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଯେହେତୁ ମହାମାରୀ କରୋନାର ଅନ୍ତ ଘଟିନାହିଁ, ଆବଶ୍ୟକ ସ୍ଥଳେ କରୋନା ସଂକ୍ରମିତମାନେ ଯେଉଁମାନେ ସଙ୍ଗରୋଧରେ ରହୁଛନ୍ତି ସେମାନେ ସହାୟତା ଚାହିଁଲେ ଶାନ୍ତିଧାନ ଫାଉଣ୍ଡେସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି।

**ଆପଣ ହାତକୁ ନେଇଥିବା ଅନେକ କାର୍ଯ୍ୟକ୍ରମ ସହିତ ରକ୍ତଦାନ ଶିବିର ଆୟୋଜନ କରନ୍ତି ଏବଂ ବିଶେଷ ଦିନ ମାନଙ୍କରେ ବିଭିନ୍ନ ଅନାଥାଶ୍ରମକୁ ଯାଇ ସେଠାରେ ରହୁଥିବା ଅନ୍ତେବାସୀମାନଙ୍କୁ ସହାୟତାରେ ହାତ ବଢ଼ାନ୍ତି ବୋଲି ସୂଚନା ରହିଛି। ତେବେ ଏ ସମ୍ପର୍କରେ କ'ଣ କହିବେ ?**

ହଁ, ଆପଣଙ୍କୁ ମିଳିଥିବା ସୂଚନା ସତ୍ୟ। ଶାନ୍ତିଧାମ ଫାଉଣ୍ଡେସନ ପକ୍ଷରୁ ବର୍ଷକୁ ଦୁଇଥର ରକ୍ତଦାନ ଶିବିରର ଆୟୋଜନ ହୋଇଥାଏ। ରେଡକ୍ରସ୍ ଜରିଆରେ ଏ ସମସ୍ତ କାର୍ଯ୍ୟକ୍ରମ ହୁଏ। ଏହାର ଉଦ୍ଦେଶ୍ୟ ହେଲା ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀ ଯେଉଁମାନଙ୍କର ରକ୍ତ ନେବାର ଆବଶ୍ୟକତା ରହିଛି ସେମାନଙ୍କ ସେହି ଅଭାବ ପୂରଣ କରିବା। ଯଦ୍ୱାରା ଜଣେ ଆରୋଗ୍ୟ ଲାଭ କରିବା ସହିତ ସୁସ୍ଥ ଜୀବନ ଯାପନ କରିପାରିବେ। ଆପଣ ଜାଣିଥିବେ ରକ୍ତଦାନ ମହାପୂଣ୍ୟ। ଏଭଳି ମହତ କାମ ଆୟୋଜନ ଦ୍ୱାରା ମାନସିକ ସ୍ତରରେ ଖୁବ୍ ଶାନ୍ତି ମିଳିଥାଏ। ଅନ୍ୟ କଥାଟି ହେଲା ଅନାଥାଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କୁ ସହଯୋଗର ହାତ ବଢ଼ାଇବା କଥା। ଏହା ଠିକ୍। କିନ୍ତୁ ବିଶେଷକରି ରାଜଧାନୀରେ ଥିବା ପାଞ୍ଚଟି ଅନାଥାଶ୍ରମରେ ବର୍ଷର ସ୍ୱତନ୍ତ୍ର ଦିନ ମାନଙ୍କରେ ପିଲାମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଥାଏ। ଏଥିରେ ଦୃଷ୍ଟିହୀନ ଅନୁଷ୍ଠାନରେ ରହୁଥିବା ପିଲାମାନଙ୍କୁ ଶାନ୍ତିଧାମ ଫାଉଣ୍ଡେସନ ପକ୍ଷରୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଏ।

**ଶାନ୍ତିଧାମ ଫାଉଣ୍ଡେସନ ପରିଚାଳନା ଓ ସମାଜସେବା ବ୍ୟତିରେକ ଆଉ କେଉଁ ଅନୁଷ୍ଠାନ ସହିତ ଆପଣ ଜଡିତ ଅଛନ୍ତି ?**

କେବଳ ଯେ ସମାଜସେବା କରି ଜଣେ ଭଲ ଭାବରେ ବଞ୍ଚିବା ସମ୍ଭବପର ନୁହେଁ। ସେବା ପାଇଁ ଅର୍ଥର ମଧ୍ୟ ଆବଶ୍ୟକତା ରହିଛି। ତେଣୁ ମୋର ସୁଦର୍ଶନ ଆଇଟି ଆଣ୍ଡ ଇନ୍‌ଫ୍ରା ନାମରେ ଏକ କମ୍ପାନୀ ରହିଛି। ଯାହା ଆଇଟି ସମ୍ପର୍କିତ କାର୍ଯ୍ୟ କରିବା ସହିତ ନିର୍ମାଣ କ୍ଷେତ୍ରରେ ମଧ୍ୟ ନିଜର ପ୍ରତିଷ୍ଠାକୁ ବଜାୟ ରଖିଛି। କୋଲକାତାରେ ଏହାର ଏକ କାର୍ଯ୍ୟାଳୟ ମଧ୍ୟ ଅଛି। ସେଠାରେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଗୃହ ନିର୍ମାଣ କରି ଆମେ ସେ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିପାରିଛୁ।



ଇଞ୍ଜିନିୟର ଡ. ସୌଭାଗ୍ୟ ରାଉତରାୟଙ୍କ ସହ 'ଏକମାତ୍ର' ସମ୍ପାଦକ ତାରକ ମହାନ୍ତି














Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**